## ସଂକ୍ଷେପରେ

### ସାଇକେଲ୍ ଚୋରିବେଳେ ଧରାପଡ଼ିଲେ ଯୁବକ

ବ୍ରହ୍ମବରଦା,୨୭।୯(ଯଯାତି କେଶାରୀ ବେହେରା): ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମରେ କିଛି ଦିନ ହେବ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଥିବା ଜଣେ ଯୁବକଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ କୁଣ୍ଡପାଟଣା ଗ୍ରାମର ଅଭିମନ୍ୟୁ ମଳିକ। ବୁଧବାର ଭୋର ସମୟରେ ଅଭିମନ୍ୟୁ ସେହି ଗ୍ରାମର ବାବାଜି ପାତ୍ରଙ୍କ ଝିଅ କୁନି ପାତ୍ରଙ୍କ ସାଇକେଲକୁ ଚୋରିକରି ନେଇ ପଳାଉଥିଲେ। ଗ୍ରାମର ପ୍ରଶାନ୍ତ ସାହୁ ଏହା ଦେଖି ତାଙ୍କୁ କାବୁକରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଅଭିମନ୍ୟୁଙ୍କୁ ଏକ ଖୁଣ୍ଟରେ ବାନ୍ଧି ରଖିଥିଲେ। ଏହାପରେ ବ୍ରହ୍ମବରଦା ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ତାଙ୍କୁ କାବୁ କରି ଥାନାକୁ ନେଇଥିଲା। ବାବାଜିଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୧୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଚୋରା ମଦ ଜବତ, ଜଣେ ଗିରଫ

ବାଲିକୁଦା,୨୭।୯(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ସିଙ୍ଗାରପୁର ଗ୍ରାମର ମନୋରଞ୍ଜନ ବେହେରା ଚୋରା ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ମନୋରଞ୍ଜନଙ୍କ ନିକଟରୁ ୯ ଲିଟର ବିଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଥାନାରେ ନଂ. ୪୭୦/୨୩ରେ ମାମଲା ରୁଜୁ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଚୋରି ଅଭିଯୋଗରେ ୨ ଗିରଫ

ପାରାଦୀପ, ୨୭।୯(ଶରତ ରାଉତ)

ପାରାଦୀପ ଲକ୍‌ଥାନା ପୋଲିସ ବୁଧବାର ୫ ହଜାର ଟଙ୍କା ଚୋରି କରିଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୪୦୩/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବୀରେନ୍ଦ୍ର ବେହେରା ଓ ମନୋରଞ୍ଜନ ସୂତାର। ଏମାନେ ୨୫ ତାରିଖ ଅପରାହ୍ନରେ ଥାନା ଅନ୍ତର୍ଗତ ପିପ୍ପଳ ଗ୍ରାମର ଅକ୍ଷୟ ସେଠୀଙ୍କଠାରୁ ୫ ହଜାର ଟଙ୍କା ଥିବା ବ୍ୟାଗ ଛଡାଇ ନେଇ ପଳାଇଥିଲେ। ପୋଲିସ ସିସିଟିଭି ଫୁଟେଜ ଦେଖି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୫ ହଜାର ଟଙ୍କା ଉଦ୍ଧାର କରାଯାଇଛି।

### ଏସ୍‌ୟୁସିଆଇ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ରାଜକନିକା,୨୭।୯(ରବୀନ୍ଦ୍ର କୁମାର ଦାସ)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜକନିକା ଶାଖା ପକ୍ଷରୁ ୫ ଦଫା ଦାବି ସମ୍ବଳିତ ପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଭାଗିଗଦା ଖରସ୍ରୋତା ନଦୀରେ ବ୍ୟାରେଜ ନିର୍ମାଣ, ହଳୁପଡ଼ାସ୍ଥିତ ବେଙ୍ଗା ନଦୀ ଉପରେ ସେତୁ ନିର୍ମାଣ, ମାନପୁରଠାରେ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ, ଗଣ ଆନ୍ଦୋଳନକୁ ଓହ୍ଲାଇ ଥିବା ପ୍ରାଥମିକ ଶିକ୍ଷକଙ୍କ ଦାବିପୂରଣ, ବିଭିନ୍ନ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ ନିଯୁକ୍ତି, ହାଟସାହିଠାରେ ପ୍ରସ୍ତାବିତ ମଦ ଦୋକାନ ବନ୍ଦ କରିବା, ପୂର୍ବକନିକାରୁ ଓ ପଶ୍ଚିମ କନିକା ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ କରିବା ଆଦି ଦାବି ନେଇ ରାଜକନିକା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ନେତା ଡାକ୍ତର ଅବନୀ ଦାସ, ରମାକାନ୍ତ ନାୟକ, ଗୋଲେଖ ଚନ୍ଦ୍ର ବିଶ୍ୱାଳ, ବିଭୁତି ଭୂଷଣ ନାୟକ ସୁରଥ ଚନ୍ଦ୍ର ନାୟକ, ହୀରାମଣି ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନାହିଁ

**ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**

- ଉଦ୍‌ଘାଟନକୁ ଦେଢ଼ ମାସ ବିତିଲାଣି



ଚଣ୍ଡିଖୋଲ,୨୭।୯(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ୧୯ ବ୍ଲକ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ସମସ୍ତ କାର୍ଯ୍ୟର ତଦାରଖ ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା କରାଯିବ। ସେଥିପାଇଁ ଚଣ୍ଡିଖୋଲସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ୨ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଅଗଷ୍ଟ ୧୨ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଘୋଷଣା କରିଥିଲେ କି ପୂର୍ବରୁ କଟକରେ ଏହାର କାର୍ଯ୍ୟାଳୟ ଚାଲୁଥିବାବେଳେ ଆଜିଠାରୁ ଏଠାରେ ଚାଲିବ। ତେବେ ଆଶ୍ଚର୍ଯ୍ୟର କଥା ଏହା ମଧ୍ୟରେ ଦୀର୍ଘ ଦେଢ଼ମାସ ବିତିଯାଇଥିଲେ ବି ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଚାଲି ପାରିଲାନାହିଁ। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ ଇଂ. ଦୁର୍ଗା ପ୍ରସାଦ କରଙ୍କୁ ମଧ୍ୟ ନିଯୁକ୍ତି ମିଳିଛି। ସେ ଏଠାକୁ ଆସିବା ପରିବର୍ତ୍ତେ କଟକରେ ରହି କାମ କରୁଛନ୍ତି। ଯାହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହି କାର୍ଯ୍ୟାଳୟ ନିର୍ମାଣ କରୁଥିବା ଠିକା ସଂସ୍ଥା କାର୍ଯ୍ୟାଳୟ ଭିତର କାର୍ଯ୍ୟ ସାରି ପାରିନାହିଁ। ବାହାର ପାର୍କିଂ ନିର୍ମାଣ କରିନାହିଁ। ବାହାରେ ବାଲି ଓ ଚିପ୍ସ ଗଦା ହୋଇ ରହିଛି। ନିର୍ମାଣ କାର୍ଯ୍ୟ ଠିକାଦାର ନ କରି ବିଳମ୍ବ କରୁଥିବାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏହି କାର୍ଯ୍ୟାଳୟ ପରିସରରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ସଦାସର୍ବଦା ଉପସ୍ଥିତ ରହୁ ଥିବାବେଳେ କାର୍ଯ୍ୟ ତଦାରଖ ନ କରିବା ଓ ତତ୍ପରତା ପ୍ରକାଶ ନ କରିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ପାରିନାହିଁ।

## ଧର୍ମଶାଳା ସରପଞ୍ଚ ସଂଘ ଗଠିତ




ଧର୍ମଶାଳା ସରପଞ୍ଚ ସଂଘର ସଭ୍ୟମାନେ ଏକତ୍ରିତ ହୋଇଛନ୍ତି।

ଧର୍ମଶାଳା,୨୭।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ୪୫ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ବୁଧବାର ଧର୍ମଶାଳା ସରପଞ୍ଚ ସଂଘ ଗଠନ କରାଯାଇଛି। ଏନେଇ ସରପଞ୍ଚ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଜାରକା ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଏକତ୍ରିତ ହୋଇଥିଲେ। ସଂଘରେ ସଭାପତି ଭାବେ ମଙ୍ଗଳପୁର ସରପଞ୍ଚ ପ୍ରମୋଦ କୁମାର ଜେନା, ଉପସଭାପତି ହରିଦାସପୁର ସରପଞ୍ଚ ବିକ୍ରମ ବିଶ୍ୱାଳ, ସମ୍ପାଦକ ଭାବେ ଅରେଇକଣା ସରପଞ୍ଚ ସଞ୍ଜୟ କୁମାର ରାୟ, ସହସମ୍ପାଦକ ଭାବେ ଅରାବଳ ସରପଞ୍ଚ ଦୀପ୍ତିପ୍ରଭା ସେଠୀ ଓ ଚହଟାର ସୁମିତ୍ରା ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଭାବେ ପାଖର ସରପଞ୍ଚ ସବ୍ୟସାଚୀ ଦାସ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟାଭାବେ ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ମର୍ଜିତାପୁର ସରପଞ୍ଚ ବିଜୟ କୁମାର ଦାଶ, କୋଟପୁର ସରପଞ୍ଚ ସୁନାକର ବେହେରା, କଣ୍ଟିଗଡ଼ିଆ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର, ପାଟପୁର ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ଚକ୍ରଧରପୁର ସରୋଜିନୀ ନାୟକ, ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି , କମାଗଡ଼ ସରପଞ୍ଚ ବିପିନ କୁମାର ଓଝା, ଗଡ଼ମଧୁପୁର ସରପଞ୍ଚ ରବୀନ୍ଦ୍ର ସେଠୀ ଓ ପୁରୁଣା ବଉଳମାଳ ସରପଞ୍ଚ ଅଶୋକ କୁମାର ପରିଡ଼ା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।

## ଧର୍ମଶାଳା ବ୍ଲକ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇର ବିକ୍ଷୋଭ




ଏସ୍‌ୟୁସିଆଇର କର୍ମକର୍ତ୍ତା ବ୍ଲକ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଧର୍ମଶାଳା/କାଏମା,୨୭।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିଭିନ୍ନ ଦାବିରେ ବୁଧବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଧର୍ମଶାଳା ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତ ସହିତ ଅଲ୍‌ଟ୍ରାସାଉଣ୍ଡ ଓ ଏକ୍ସରେ ବ୍ୟବସ୍ଥା କରିବା, ଜାରକାଠାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଅଚଳ ହୋଇପଡିଥିବା ଉଠା ଜଳସେଚନ ପଏଣ୍ଟକୁ କାର୍ଯ୍ୟକାରୀ କରିବା, କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତରିତ, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୦ ଓ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର, ଘନ ଘନ ବିଦ୍ୟୁତ୍ କାଟ ବନ୍ଦ କରିବା, ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର, ବ୍ଲକରେ ବନ୍ଦ ହୋଇପଡ଼ିଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲିବା ଓ ଆଦିବାସୀମାନଙ୍କ ପାଇଁ ଜଙ୍ଗଲ ସଂଶୋଧନ ଆଇନ ବାତିଲ କରିବା ଆଦି ୮ ଦଫା ଦାବିରେ ଏହି ବିକ୍ଷୋଭ କରଯାଇଛି। ପୂର୍ବାହ୍ନରେ କମ୍ରେଡ ମଧୁସ୍ମିତା ସାହୁଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତି ବଜାରଠାରୁ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ଥିଲେ। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଜିଲା କମିଟି ସଦସ୍ୟ ଚୈତନ ସାହୁ, ନାରଣ ପରିଡ଼ା, ମନୋଜ ସେଠୀ, ପ୍ରଭାବତି ମଲିକ, ସଞ୍ଜୁକ୍ତା ସାହୁ, ବିଚିତ୍ର ଦାସ, କବି ସେଠୀ ଓ ସସ୍ମିତା ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ଏବିଡିଓ ଅସିତ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

### ମୃତ୍ୟୁକୁ ନେଇ ସନ୍ଦେହ, ପରିବାର ବର୍ଗ ଅଟକ

କୁଜଙ୍ଗ ୨୭।୯ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ନବାଡିଆ ଗାଁର ବୀରବର ସ୍ୱାଇଁ (୫୨)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ଥାନାରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାର ଅଭିଯୋଗ ହେବାପରେ ପୋଲିସ ନଂ. ୩୪/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ସନ୍ଦେହ କରିବାରୁ ବୁଧବାର ବୀରବରଙ୍କ ପରିବାର ବର୍ଗଙ୍କୁ ଡାକି ପଚରା ଉଚରା କରିବା ସହ ତାଙ୍କ ପୁଅ ସମେତ କେତେଜଣ ପରିବାର ବର୍ଗଙ୍କୁ ଥାନାରେ ଅଟକ ରଖାଯାଇଛନ୍ତି। ଏନେଇ ଆଜି ଜଗତ୍‌ସିଂହପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା ପହଞ୍ଚି ଡାକ୍ତରଙ୍କ ସମେତ ପରିବାରବର୍ଗଙ୍କୁ ପଚରା ଉଚରା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୋଲିସ ପ୍ରଥମେ ମୃତ ବୀରବରର ପୁଅ ସୋନୁକୁ ଉଠାଇ ଆଣି ଥାନାରେ ଅଟକ ରଖିଥିବା ବେଳେ ପରେ ସାନଭାଇଙ୍କୁ ମଧ୍ୟ ଅଟକ ରଖିଛି। ସାଧାରଣରେ ଚର୍ଚ୍ଚା ହେଉଛି ବୀରବରଙ୍କ ପତ୍ନୀ ଓ ପୁଅ ବାଡେଇକି ହତ୍ୟା କରିଛନ୍ତି। ଏ ନେଇ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରେ ସେ କହିଛନ୍ତି, ତଦନ୍ତ ଜାରି ରହିଛି ଓ ତାଙ୍କ ପରିବାର ବର୍ଗଙ୍କୁ ଅଟକ ରଖି ପଚରା ଉଚରା ଚାଲିଛି।

## ବେଦାନ୍ତ ଫେଙ୍କର କମ୍ପାନୀ ପକ୍ଷରୁ ଫଳ ଚାରା ବଣ୍ଟନ



ଜଣେ କୃତୀ ଛାତ୍ରୀଙ୍କୁ ଫଳ ଚାରା ବଣ୍ଟନ କରାଯାଉଛି।

କାଳିଆପାଣି,୨୭।୯(ଅସିତ ମହାନ୍ତ): ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ବେଦାନ୍ତ ଫେକର କମ୍ପାନୀ ପକ୍ଷରୁ ବୁଧବାର ୬୦୦ ଫଳ ଚାରା ବଣ୍ଟନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଖଣି ନିକଟବର୍ତ୍ତୀ ଗ୍ରାମରେ ଛତୁ ଚାଷ, ଚପଲ ତିଆରି, ସିଲେଇ ଶିକ୍ଷା, ପୌଢ଼ ଶିକ୍ଷା ଆଦି କାର୍ଯ୍ୟକ୍ରମ କରାଯିବା ସହ ଫଳ ଚାରା ବଣ୍ଟନ କରାଯାଇଛି। ଓସ୍ତପାଳ ଖଣି ପରିସରରେ ନିକଟସ୍ଥ ପ୍ରାଇମେରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପରିବେଶ ସମ୍ବନ୍ଧୀୟ ରଚନା, ସୂତ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଫଳ ଚାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀର ହେଡ ମାଇନ୍ସ ଏମ. ମୁଥୁମାରି ମୁଖ୍ୟ ଅତିଥି, ସୁରକ୍ଷା ଓ ସ୍ୱାସ୍ଥ୍ୟ ମୁଖ୍ୟ କୁର୍ତ୍ତସୁନ୍ଦର ମହାପାତ୍ର, ପରିବେଶ ମୁଖ୍ୟ ସୁଶାନ୍ତ ବିଶ୍ୱାଳ, ସହ ଖଣି ମୁଖ୍ୟ ବିନୋଦ ସାଇନି, ପରିବହନ ମୁଖ୍ୟ ଅଜୟ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଫଳ ଚାରା ବଣ୍ଟନ କରିଥିଲେ। ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କୁ ମଧ୍ୟ ଚାରା ବଣ୍ଟନ କରାଯାଇଥିଲା। ଫଳ ଚାରାଗୁଡ଼ିକ ମଧ୍ୟରେ ଆମ୍ବ, ପିଜୁଳି, ସାପେଟା, ପଣସ ଆଦି ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ବସରୁ ସ୍କ୍ରାପ୍ ଜବତ, କଣ୍ଡକ୍ଟର ଗିରଫ



ହବିବି ଖାଁ

ପାଣିକୋଇଲି,୨୭।୯(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ପୋଲିସ ଏକ ବସ୍‌ରୁ ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସ୍କ୍ରାପ୍ ଜବତ କରିଛି। ଏଥିସହିତ ବସ୍ କଣ୍ଡକ୍ଟରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ କଣ୍ଡକ୍ଟର କଟକ ତିଗିରିଆ ଥାନା ଅଞ୍ଚଳର ହବିବି ଖାଁ(୪୯) ବୋଲି ଜଣାପଡ଼ିଛି। ମଙ୍ଗଳବାର ରାତିରେ କୁଆଖିଆ ଥାନା ଅଞ୍ଚଳରୁ ଚୋରି ସ୍କ୍ରାପ୍ ବସ ଯୋଗେ ଚାଲାଣ ହେଉଥିବା ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଳ ଖବର ପାଇଥିଲେ। ଏହାପରେ ତାଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ କଟକରୁ କଲିକତା ଯାଉଥିବା ଶିଭମ ନାମକ (ଡବ୍ଲୁବି -୫୩-ଏ-୯୮୩୭) ଘରୋଇ ବସକୁ ଥାନା ସମ୍ମୁଖରେ ଅଟକାଇଥିଲା। ବସକୁ ଯାଞ୍ଚ କରିବା ପରେ ବସର ପଛପଟୁ ତମ୍ବା, ସିଲଭର, ଆଲୁମିନିୟମ, କପର ତାର ସହ ବ୍ୟାଟେରି ଜବତ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ନଂ.୨୬୬/୨୩ ରୁଜୁ ହୋଇଛି।

### ପ୍ଲାଷ୍ଟିକ ପାର୍କରେ ଗଣ୍ଡଗୋଳ କରିଥିବା ଅଭିଯୁକ୍ତ ଗିରଫ

ପାରାଦୀପ,୨୭।୯ (ଶରତ ରାଉତ): ପାରାଦୀପ ଲକ୍‌ଥାନା ସିଜୁ ଗ୍ରାମ ଉପାନ୍ତରେ ଥିବା ପ୍ଲାଷ୍ଟିକ ପାର୍କରେ ୧୮ ତାରିଖରେ ଇଉ୍‌କୋ ଜୁନିୟର ମ୍ୟାନେଜର ରଞ୍ଜିତ ସାମଲଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ସିଜୁ ଗ୍ରାମର ପ୍ରମୋଦ ନାୟକ। ସେ ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। କୌଣସି କାରଣରୁ ଉତକ୍ଷିପ୍ତ ହୋଇ ମ୍ୟାନେଜର ରଞ୍ଜିତଙ୍କୁ ବିଅର ବୋତଲରେ ଆକ୍ରମଣ କରିଥିଲେ। ମ୍ୟାନେଜର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ବରୀ,୨୭।୯(ମହେନ୍ଦ୍ର ସ୍ୱାଇଁ): ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ପାଇଁ ବରୀ ନିର୍ବାଚନମଣ୍ଡଳୀ ଯୁବନେତା ଇଂ. ଅମ୍ରେଶ ପରିଡ଼ାଙ୍କ ନେତୃତ୍ୱରେ ବାଲିବିଲସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଏଥିରେ ବରୀ ଛାତ୍ର କଂଗ୍ରେସ ସଭାପତି ସାଗର କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଦେଶ ସ୍ୱାଧୀନତାରେ କଂଗ୍ରେସ ଭୂମିକା କ'ଣ ଥିଲା ତାହା ଲୋକଙ୍କ ମନରେ ଆଜିବି ଉଜ୍ଜୀବିତ ହୋଇ ରହିଛି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ କଂଗ୍ରେସ ତରଫରୁ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ନିମନ୍ତେ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜଗବନ୍ଧୁ ସାମଲ, ବିବେକାନନ୍ଦ ମଲିକ, ରବୀନ୍ଦ୍ର ପଢିହାରୀ, ବିଷ୍ଣୁ ପଢ଼ିହାରୀ, ସତ୍ୟଜିତ ଦାସ, ଶିବପ୍ରସଦ ସାମଲ, ମହେଶ୍ୱର ବେହେରା, ଜଗବନ୍ଧୁ ସାମଲ, ରାଜକିଶୋର ଜେନା, ସୂର୍ଯ୍ୟ ମଲିକ, ବାଦଲ ମିଶ୍ର, ଆଶିଷ ଶର୍ମା, ବିଶ୍ୱସାଗର ଦାସ, ଆକାଶ ନାୟକ, ଶିବୁ ଜେନା, ଜୟନ୍ତ ନାୟକ, ଆକାଶ ଦାସ, କାଳନ୍ଦୀ ଦାସ ଓ ରଞ୍ଜିତ ଦାସ ଯୋଗ ଦେଇଥିଲେ।

## ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୨୭।୯(ଅସିତ ମହାନ୍ତ): ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ ରାଂସୋଳ ପଞ୍ଚାୟତରେ ବୁଧବାର ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦକ୍ଷିଣ କାଳିଆପାଣି ଖଣି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂରିଆଝର ଗୋଷ୍ଠୀକେନ୍ଦ୍ରଠାରେ ଅନୁଷ୍ଠିତ ଏହି ଶିବିରରେ ଖଣି ନିଗମର ଡାକ୍ତର ଜ୍ୟୋତିଷ୍ମାନ ଦାସ ଓ ଡାକ୍ତର ଅଭିଷେକ ବାରିକ ମିଳିତ ଭାବେ ଯୋଗଦେଇ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଦକ୍ଷିଣ କାଳିଆପାଣି ଖଣିର ପ୍ରଶାସନିକ ଅଧିକାରୀ ସୁଶାନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୩୭ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ଜେମା ଚାଖି ଓ ରାଂସୋଳ ସରପଞ୍ଚ କନକ ସର୍ଦ୍ଦାର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଏସ୍‌ଆର ପ୍ରତିନିଧି ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ।




ଡାକ୍ତରମାନେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ଜିଲାସ୍ତରୀୟ ଫୁଟ୍‌ବଲ୍ ମ୍ୟାଚ୍ ଉଦ୍‌ଯାପିତ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ।

ଜେନାପୁର,୨୭।୯(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୨ ଦିନିଆ ଜିଲାସ୍ତରୀୟ ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ୧୦ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୧୮୦ ବାଳିକାବାଳକ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ଦାନଗଦି ଓ ଯାଜପୁର ବ୍ଲକ୍‌ର ବାଳିକା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦାନଗଦି ବ୍ଲକ୍ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଦ୍ୱିତୀୟ ଦିନ ମ୍ୟାଚ୍ ଦାନଗଦି ଓ ବିଞ୍ଝାରପୁର ବ୍ଲକ୍‌ର ବାଳକ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦାନଗଦି ବ୍ଲକ୍ ଟିମ୍ ୩-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋ ସ୍କୁଲ୍ ଅଭିଯାନର ସମ୍ପାଦକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାସ, କମିଟି ସଭାପତି ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ମ୍ୟାଚ୍‌ରେ ଚାମ୍ପିୟନ ହୋଇଥିବା ବାଳିକାବାଳକ ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ ଖେଳିବେ ବୋଲି ମତବ୍ୟକ୍ତ କରିଥିଲେ। ପରେ ଉଭୟ ଚାମ୍ପିୟନ ଦଳକୁ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନନ୍ଦକିଶୋର ନାୟକ, ରାଜେନ୍ଦ୍ର କୁମାର ଦାସ ଓ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ୩୦ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ସହଯୋଗ କରିଥିଲେ। ଶିକ୍ଷକ ନିରଞ୍ଜନ ଶତପଥୀ, ବିକାଶ ସାହୁ ସଭା ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ଜେନା ଧନ୍ୟବାଦ ଦେଇଥିଲେ।

**ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା**

ପଟ୍ଟାମୁଣ୍ଡାଇ,(ଅକ୍ଷୟ ବିଶ୍ୱାଳ): ପଟ୍ଟାମୁଣ୍ଡାଇ ବ୍ଲକ ଜିଗରଣ ୟୁଜିୟୁପି ସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଛି। ଗ୍ରାମବାସୀ ଓ ଅଭିଭାବକମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବୁଧବାର ଛାତ୍ରୀଛାତ୍ର ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏଥିରେ ନରହରି ଦାସ, ଗୋକୁଳ ରାଉତ, ଅମୂଲ୍ୟ କୁମାର ଦାସ, ବେଲାଳ ପରିଡା, ବିଶ୍ୱପ୍ରକାଶ ବଳ, ଜ୍ୟୋତିପ୍ରକାଶ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷାଧିକାରୀ ହରିହର ଦଳାଇ ପହଞ୍ଚି ୨ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ଏସ୍‌ୟୁସିଆଇ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ରାଜକନିକା,୨୭।୯(ରବୀନ୍ଦ୍ର କୁମାର ଦାସ)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜକନିକା ଶାଖା ପକ୍ଷରୁ ୫ ଦଫା ଦାବି ସମ୍ବଳିତ ପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଭାଗିଗଦା ଖରସ୍ରୋତା ନଦୀରେ ବ୍ୟାରେଜ ନିର୍ମାଣ, ହଲୁପଡ଼ାସ୍ଥିତ ବେଙ୍ଗା ନଦୀ ଉପରେ ସେତୁ ନିର୍ମାଣ, ମାନପୁରଠାରେ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ, ଗଣ ଆନ୍ଦୋଳନକୁ ଓହ୍ଲାଇ ଥିବା ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ, ବିଭିନ୍ନ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ ନିଯୁକ୍ତି, ହାଟସାହିଠାରେ ପ୍ରସ୍ତାବିତ ମଦ ଦୋକାନ ବନ୍ଦ କରିବା, ପୂର୍ବକନିକାରୁ ଓ ପଶ୍ଚିମ କନିକା ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ କରିବା ଆଦି ଦାବି ନେଇ ରାଜକନିକା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ନେତା ଡାକ୍ତର ଅବନୀ ଦାସ, ରମାକାନ୍ତ ନାୟକ, ଗୋଲେଖ ଚନ୍ଦ୍ର ବିଶ୍ୱାଳ, ବିଭୂତି ଭୂଷଣ ନାୟକ ସୁରଥ ଚନ୍ଦ୍ର ନାୟକ, ହୀରାମଣି ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ରାଜନଗର,୨୭।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣା ଗାଁର ଆଦର୍ଶ ଶିକ୍ଷକ ଶରତ କୁମାର ରାଉତ, (୮୫) ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ପକ୍ଷାଘାତ ରୋଗରେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ନିକଟରେ ସେ ଗୁରୁତର ହୋଇପଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରାଉତ ଦୀର୍ଘଦିନ ଧରି ବେଲପାଳ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଶିକ୍ଷାବିତ୍ କ୍ଷେତ୍ରବାସୀ ସ୍ୱାଇଁ, ଅଧିକାରୀ ସ୍ୱାଇଁ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ବ୍ଲକ୍ ଅଫିସରେ ତାଲା ପକାଇ କଂଗ୍ରେସର ପ୍ରତିବାଦ

ପଟ୍ଟାମୁଣ୍ଡାଇ,୨୭।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକରେ ଦୀର୍ଘ ଦିନ ଧରି ଚାଲି ଆସୁଥିବା ଦୁର୍ନୀତି, ଶାସକଦଳ ପ୍ରତି ଅନୁକମ୍ପା ସାଧାରଣ ଜନତାଙ୍କ ହକ୍‌ରେ ବାଧକ ସାଜିଛି। ଏହାକୁ ନେଇ ବିଡିଓଙ୍କ ବିରୋଧରେ ବୁଧବାର ପୂର୍ବତନ ବିଧାୟକ ତଥା କଂଗ୍ରେସ ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା, କର୍ମୀ ବିଡ଼ିଓଙ୍କ ନିଜସ୍ୱ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ଜଣାଇଥିଲେ। ଏହାକୁ ନେଇ କଂଗ୍ରେସ ନେତା,କର୍ମୀଙ୍କ ସହ ବିଡ଼ିଓଙ୍କ କଟାକଟି ହୋଇଥିଲା। ସାଧାରଣଲୋକଙ୍କ କାର୍ଯ୍ୟରେ ଅନିୟମିତତା ହୋଇଥିବା କଥାକୁ ବିଡିଓ ଖାତିର କରୁ ନ ଥିବାରୁ କଂଗ୍ରେସ ନେତା ଓ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ଅଫିସରେ ତାଲା ପକାଇ ଚାବି ବିଡିଓଙ୍କୁ ହସ୍ତାନ୍ତର କରିଥିଲେ। ଏପରି ଦୁର୍ନୀତି ଓ ପ୍ରିୟାପ୍ରୀତିରେ ସୁଧାର ନ ଆସିଲେ କଂଗ୍ରେସ ଜନଆନ୍ଦୋଳନ କରିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଥିଲେ।



ବ୍ଲକରେ ତାଲା ପକାଇ ବିଡିଓଙ୍କୁ ଚାବି ଦେଉଛନ୍ତି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ବ୍ଲକରେ ଦୀର୍ଘଦିନ ଧରି ପ୍ରଶାସନ ଓ ଶାସକ ଦଳର ସଲାସୁତୁରାରେ ବିଭିନ୍ନ ଉନ୍ନୟନ କାମ ନ କରି ଲକ୍ଷାଧିକ ଟଙ୍କାର ବିଲ ହଡପ କରିବା, ବ୍ଲକ ଅଧ୍ୟକ୍ଷଙ୍କ କଥାରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନ ଦେଇ ଅଯୋଗ୍ୟଙ୍କୁ ପ୍ରଦାନ କରିବା, ଦୀର୍ଘ ଦିନ ଧରି ପ୍ରକଳ୍ପ ସରିବା ପରେ ମଧ୍ୟ ବିଲ ପ୍ରଦାନରେ ଜାଣିଶୁଣି ବିଳମ୍ବ କରିବା, ଶାସକ ଦଳର କଥାରେ ପରିଚାଳିତ ହୋଇ ବୟସ୍କ ଓ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ନ ଦେଇ ଧନୀ ଓ ଅଯୋଗ୍ୟ ଲୋକଙ୍କୁ ଭତ୍ତା ପ୍ରଦାନ କରିବା, ବ୍ଲକ ଅଧ୍ୟକ୍ଷଙ୍କ କଥାରେ ପରିଚାଳିତ ହୋଇ ବିରୋଧି ଦଳ ଜନପ୍ରତିନିଧିମାନଙ୍କୁ ବର୍ଷ ବର୍ଷ ଧରି ପାତରଅନ୍ତର କରିବା ପ୍ରତିବାଦରେ ବୁଧବାର କଂଗ୍ରେସ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏଥିରେ କଂଗ୍ରେସ ଜିଲା ସଭାପତି ମହାନ୍ତିଙ୍କ ସହିତ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ନଗର ଉପସଭାପତି ଅବିନାଶ ଲେଙ୍କା, ବ୍ଲକ୍ କଂଗ୍ରେସ ଉପସଭାପତି ବିରଞ୍ଚି ନାରାୟଣ ଦାସ, ମଲୟ ଓଝା,ସମ୍ରାଟ ଜେନା, ଆଲୋକ ଧଳ, ସନାତନ ବିଶ୍ୱାଳ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, କଖାରୁଣୀ ସରପଞ୍ଚ ରମେଶ ମଲିକ, ଦିହୁଡୁପୁର ସରପଞ୍ଚ ନରେଶ ମଲିକ , ପୂର୍ବତନ ସରପଞ୍ଚ ମୀନତି ପାତ୍ର, ସମୀର ପ୍ରଧାନ, ସମିତି ସଭ୍ୟ ମିଟୁ ଭୂୟାଁ ସମେତ ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ବିଡ଼ିଓଙ୍କୁ ପ୍ରଶ୍ନ କରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

## ବଟିଘର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ମହାକାଳପଡ଼ା,୨୭।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ଉତ୍ତର ବରକୋଳି ଖୋଳାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଅଭିନୟର ଯାଦୁ ଉପସ୍ଥିତ ଅତିଥିମାନଙ୍କୁ ବିମୋହିତ କରିଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଶାରୀରିକ, ମାନସିକ, ବୌଦ୍ଧିକ ଶିକ୍ଷାର ଅଭିବୃଦ୍ଧିର ବିକାଶ ପାଇଁ ବିଦ୍ୟାଳୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଖୁଣ କଳା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ସୁନ୍ଦର ମୋହନ ସିଂ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ଶିବାନୀ ବିଜୁଳି, ସମିତି ସଭ୍ୟ କୃଷ୍ଣପାଦ ମଣ୍ଡଳ, ସାମାଜିକ କର୍ମୀ ଗୁରୁପଦ ବାରିକଙ୍କ ସମେତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁପୁରସ୍କୃତ କରାଯାଇଥିଲା।

## ଗୋଲରାହାଟ ସମବାୟ ସମିତିର ବାର୍ଷିକ ସଭା



ସମବାୟ ସମିତିର ବାର୍ଷିକ ସଭାରେ ମଞ୍ଚାସୀନ କର୍ମକର୍ତ୍ତା।

ଡେରାବିଶ,୨୭।୯(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସମିତିର ବୁଧବାର ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ପରିଚାଳନା ପରିଷଦ ସଭାପତି ଖୁରସିଦ୍ ଆଲମ୍ ଖାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳିକା ଜୟନ୍ତୀ ପତି ଓ ଶାଖା ସହ ପରିଚାଳିକା ଦୀପାଞ୍ଜଳୀ ମୁଣ୍ଡାରି ଅତିଥି ଭାବେ ଯୋଗଦାନ କରି କୃଷି କ୍ଷେତ୍ର ସହିତ ସମସ୍ତ କୃଷକ ବନ୍ଧୁଙ୍କ ଉନ୍ନତି ପାଇଁ ସରକାର ସମବାୟ ସମିତି ମାଧ୍ୟମରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଓ ମାତ୍ର ୨% ସୁଧରେ ୩ଲକ୍ଷ ଏବଂ ସ୍ୱୟଂସହାୟକ ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ନେଇ ସୁଚନା ପ୍ରଦାନ କରିଥିଲେ। ଏଥିସହିତ ସମିତିମାଧ୍ୟମରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନ୍ୟାନ୍ୟ କୃଷି ଓ କୃଷକଙ୍କ ଉନ୍ନତି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି ବାର୍ଷିକ ବିବରଣୀ ପାଠ କରିବା ଆୟବ୍ୟୟର ହିସାବ ଓ ଆଗାମୀବର୍ଷ ପାଇଁ ବଜେଟ ଉପସ୍ଥାପନ କରିଥିଲେ। ପରେ ଅଗ୍ରଣୀ ଚାଷୀ ସୁଶାନ୍ତ କୁମାର ପାତ୍ର, ବିଷ୍ଣୁଚରଣ ନାୟକ, ଶୁକଦେବ ବେହେରା, ଗୌରାଙ୍ଗ ସାହୁ, ବ୍ରହ୍ମାନନ୍ଦ ମଲିକ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ପୁର୍ବତନ ସରପଂଚ ମହେନ୍ଦ୍ର କୁମାର ସିଂହ ପ୍ରମୁଖ ଏହି ସଭାରେ ଅଂଶ ଗ୍ରହଣକରି କେନ୍ଦ୍ରାପଡା ଜିଲାରେ ରହିଥିବା ସମସ୍ତ ସମିତି ମଧ୍ୟରୁ ଗୋଲରାହାଟ ସମିତି ବିଗତବର୍ଷମାନଙ୍କ ପରି ଏକ ଲାଭଜନକ ସମିତିଭାବେ ତାର ସୁନାମ ବଜାୟ ରଖିଥିବାରୁ ପରିଚାଳନା ପରିଷଦ ଓ ସମିତି କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ସମିତିର ଉନ୍ନତି ପାଇଁ କେତେକ ଗଠନ ମୂଳକ ପ୍ରସ୍ତାବମାନ ପ୍ରଦାନ କରିଥିଲେ। ଏହି ସଭାରେ ପରିଚାଳନା ପରିଷଦର ଉପସଭାନେତ୍ରୀ ପ୍ରମିଳା ସିଂହ, ନିର୍ଦ୍ଦେଶକ ଜୟଦେବ ପରିଡ଼ା, ସଞ୍ଜୟ କୁମାର ସାହୁ, ସଦସ୍ୟା ଗେହ୍ଲଇ ଦାସ, ସଦସ୍ୟ ରଣଜିତ ସିଂହ, ନୀଳମଣି ବେହେରା, ନଟବର ବେହେରା, ହରେକୃଷ୍ଣ ସ୍ୱାଇଁ, ପ୍ରଭାତ ଭୂୟାଁ, ଭାବାନୀଶଙ୍କର ଭୋଇ, ଅରକ୍ଷିତ ସାହୁ ଓ ସୌମ୍ୟରଞ୍ଜନ ଚାନ୍ଦ ଉପସ୍ଥିତ ଥିଲେ।

### ମୃତ୍ୟୁକୁ ନେଇ ସନ୍ଦେହ, ପରିବାରବର୍ଗ ଅଟକ

କୁଜଙ୍ଗ ୨୭।୯ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ନବାଡିଆ ଗାଁର ବୀରବର ସ୍ୱାଇଁ (୫୨)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ଥାନାରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ପରେ ପୋଲିସ ନଂ. ୩୪/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରେ ପୋଲିସ ସନ୍ଦେହ କରି ବୁଧବାର ବୀରବରଙ୍କ ପରିବାରଙ୍କୁ ଡାକି ପଚରାଉଚରା କରିବା ସହ ତାଙ୍କ ପୁଅ ସମେତ କେତେଜଣଙ୍କୁ ଥାନାରେ ଅଟକ ରଖିଛି। ଏନେଇ ଜଗତ୍‌ସିଂହପୁର ଏଏସ୍‌ପି ଅମରେନ୍ଦ୍ର ପଣ୍ଡା ପହଞ୍ଚି ଡାକ୍ତରଙ୍କ ସମେତ ପରିବାରବର୍ଗଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୋଲିସ ପ୍ରଥମେ ମୃତ ବୀରବରର ପୁଅ ସୋନୁକୁ ଉଠାଇ ଆଣି ଥାନାରେ ଅଟକ ରଖିଥିବାବେଳେ ପରେ ସାନଭାଇକୁ ମଧ୍ୟ ଅଟକ ରଖିଛି। ବୀରବରଙ୍କ ବାଡ଼େଇକି ହତ୍ୟା କରାଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି ଓ ତାଙ୍କ ପରିବାରବର୍ଗଙ୍କୁ ପଚରାଉଚରା ଚାଲିଛି ବୋଲି ସେ କହିଛନ୍ତି।

## ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ



ଭିନ୍ନକ୍ଷମଙ୍କୁ ସହାୟକ ସାମଗ୍ରୀ ପ୍ରଦାନ କରାଯାଉଛି।

ଡେରାବିଶ,୨୭।୯(ବେବର୍ତ୍ତା ଅଜୟ ଦାସ)

ରାଜ୍ୟ ସରକାରଙ୍କ ସହାୟତାରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିକାଶ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାୟୋଶ୍ରୀ ଯୋଜନାରେ ଡେରାବିଶ ବ୍ଲକ ପରିସରରେ ବୁଧବାର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ବ୍ଲକ ଅଧୀନସ୍ଥ ୨୬ ଗୋଟି ପଞ୍ଚାୟତର ୧୩୧ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିବା ବେଳେ ଟ୍ରାଇସାଇକେଲ୍ ପାଇବା ପାଇଁ ଆବେଦନ କରିଥିବା ୧୩ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୮ ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ବେଳେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡ଼ିଓ ଦାଶରଥି ଜେନା, ଜିଲା ସାମାଜିକ ସୁରକ୍ଷା ସହକାରୀ ଅଧିକାରୀ ରୁପାଲି ପ୍ରିୟଦର୍ଶିନୀ, ଏବିଡ଼ିଓ ଭଞ୍ଜ କିଶୋର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବିଭାଗୀୟ ସହକାରୀ ଅପିଶ କୁମାର ସ୍ୱାଇଁ, ମନୋଜ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ପେଣ୍ଠ ବେଳାଭୂମି ସଫେଇ



ପେଣ୍ଠ ବେଳାଭୂମିକୁ ସଫେଇ କରିଥିବା ଯୁବତୀ,ଯୁବକ।

ରାଜନଗର,୨୭।୯ (ଭାସ୍କର ରାଉତରାୟ)

ବଙ୍ଗୋପସାଗର ତଟବର୍ତ୍ତୀ ବିସ୍ତୀର୍ଣ୍ଣ ପେଣ୍ଠ ବେଳାଭୂମିକୁ ସଫା ସୁତୁରା ରଖିବା ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସରେ ଆଗେଇ ଆସିଛି ଓଡିଶା ସାଇନ ଫାଉଣ୍ଡେଶନ। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସମୟରେ ସେମାନେ ବ୍ୟବହାର କରୁଥିବା ପାଣି ପାଉଚ୍, ପାଣି ବୋତଲ, ଗୁଟଖା ଜରି, ଛିଣ୍ଡା ଚପଲ ଓ ନମକିନ ଜରି ଇତ୍ୟାଦି ଫୋପାଡି ଚାଲିଯାଆନ୍ତି। ଫଳରେ ସମୁଦ୍ରରେ ଢେଉ ଆସି ଏଗୁଡିକ ସମୁଦ୍ର ପାଣିରେ ମିଶିବା ଦ୍ୱାରା ସାମୁଦ୍ରିକ ପରିବେଶ ପ୍ରଦୂଷିତ ହୋଇଥାଏ। ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସରେ ଓଡିଶା ସାଇନ୍ ଫାଉଣ୍ଡେଶନର କର୍ମକର୍ତ୍ତା ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ସହିତ ବେଳାଭୂମିରୁ ଏହି ପରିତ୍ୟକ୍ତ ବର୍ଜ୍ୟବସ୍ତୁଗୁଡିକୁ ସଫା କରି ପୋଡି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ନିହାର ରଞ୍ଜନ ବିଶ୍ୱାଳ, ତପନ ମହାନ୍ତି, ସର୍ବେଶ୍ୱର ମଲିକ, ସୌମ୍ୟ ରଞ୍ଜନ ବଳ, ରାମଚନ୍ଦ୍ର ବେହେରା, କବିତା ନାୟକ ପ୍ରମୁଖଙ୍କ ସମେତ ମଦନପୁରଠାରେ ଖୋଲା ଯାଇଥିବା ଫ୍ରି ଟେଲରିଂ ୟୁନିଟର ଭଉଣୀମାନେ ସାମିଲ ହୋଇଥିଲେ।

## ଶ୍ମଶାନ, ଜଳ ନିଷ୍କାସନ ପଥ ଅବରୋଧ

ରାଜନଗର,୨୭।୯ (ଭାସ୍କର ରାଉତରାୟ)

ରାଜନଗର ତହସିଲ ଅନ୍ତର୍ଗତ ଭିତରଗଡ ଗ୍ରାମପଞ୍ଚାୟତର ବିଷ୍ଣୁପଡା ଗ୍ରାମର ଜଣେ ବ୍ୟକ୍ତି ୧୯୯୧ରେ ନିଜକୁ ଭୂମିହୀନ ଦର୍ଶାଇ ୪ ଡେସିମିଲ ସରକାରୀ ଜାଗାକୁ ନିଜ ନାମରେ କରାଇ ବେଆଇନ ଭାବେ ଏହି ଗ୍ରାମର ପୂର୍ବଜମାନଙ୍କ ଜଳପଥ, ଶ୍ମଶାନକୁ ଯାଇଥିବା ରାସ୍ତା ଏପରି କି ଗାଁ ଲୋକେ ପିଇବା ପାଣି ପାଇଁ ନିର୍ଭର କରୁଥିବା ନଳକୂପ ରାସ୍ତାକୁ ମଧ୍ୟ ବନ୍ଦ କରି ରଖିଛନ୍ତି। ଜଳ ନିଷ୍କାସନ ପଥ ବନ୍ଦ ହେବା ଦ୍ୱାରା ସ୍ଥାନୀୟ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଶ୍ମଶାନ ପଥ ଅବରୋଧ କରିଥିବାରୁ ଗାଁ ଲୋକେ ଶବ ସତ୍କାର କରିବା ସମୟରେ ସେମାନଙ୍କୁ ପ୍ରତିରୋଧ କରୁଥିବାରୁ ବୁଧବାର ଏହି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ରୀନା ଥଟାଇ, ସୁବାଣୀ ପରିଡା, ଯଶୋବନ୍ତୀ ପରିଡା, ସୁକାନ୍ତୀ ମହାନ୍ତି, ଦମୟନ୍ତୀ ପରିଡା, ମନ୍ଦୋଦରୀ ପରିଡା, ସରୋଜିନୀ ପରିଡା, ଅଞ୍ଜଳି ପରିଡା, ପାର୍ବତୀ ଥାଟୋଇ, କଞ୍ଚନ ଥଟାଇ, ସୁଷମା ପ୍ରଧାନ, ଅମରୀ ମହାନ୍ତି ପ୍ରମୁଖ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଭେଟି ବେଆଇନ ଭାବେ ଅବରୋଧ କରିଥିବା ସରକାରୀ ଜାଗାକୁ ତୁରନ୍ତ ଖାରଜ କରାଯିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଭୂୟାଁ ସମ୍ପୃକ୍ତ ଅବରୋଧ ସ୍ଥାନକୁ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ପାଣି ଜମି ରହିଛି।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ପଟ୍ଟାମୁଣ୍ଡାଇ,୨୭।୯ (କଳ୍ପତରୁ ନାୟକ)

ଗତ ୪ମାସ ତଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ଦୋକାନ ସଟର ଭାଙ୍ଗି ଚୋରି ହୋଇଥିଲା। ଏହି ମାମଲାର ବିଚାର କରି ପଟ୍ଟାମୁଣ୍ଡାଇ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଜଣେ ଯୁବକଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହିତ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଦର୍ଶାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ବାଲିପଡା ଗ୍ରାମର ଜ୍ଞାନରଞ୍ଜନ ଦାସଙ୍କ ମଙ୍ଗଳା ସପ୍ଲାଇ ନାମକ ଦୋକନରୁ ଗତ ମେ ୨୫ ତାରିଖ ରାତିରେ ଚୋରି ହୋଇଯାଇଥିଲା। ଏନେଇ ଜ୍ଞାନରଞ୍ଜନ ସେଦିନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିବା ସହିତ ଦୋକାନ ଆଗରେ ଲାଗିଥିବା ସିସିଟିଭି କ୍ୟାମେରାରୁ ସମସ୍ତ ପ୍ରମାଣ ଦେଇଥିଲେ। ସିସିଟିଭି ଫୁଟେଜ୍ ଓ ପୋଲିସ ତଦନ୍ତ ଆଧାରରେ ଏଏସ୍‌ଆଇ ନନ୍ଦ କିଶୋର ସ୍ୱାଇଁ ଓ ତାଙ୍କର ଟିମ୍ କଷଣଅଷ୍ଟା ଗ୍ରାମର ଅଭିଯୁକ୍ତ ଅନିଲ କୁମାର ଭୂୟାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ଥାନାରେ ଏକ ମାମଲା(ନଂ.୩୩୨/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା। ପରେ ଘଟଣାସ୍ଥଳର ସାକ୍ଷୀଙ୍କ ବୟାନ ଓ ବରିଷ୍ଠ ପ୍ରମାଣ ଆଧାରରେ ଦୋଷୀକୁ କଡ଼ା ଦଣ୍ଡ ପାଇଁ ସରକାରୀ ଓକିଲ ରାଜେନ୍ଦ୍ର ମିଶ୍ର ଓ ମଧୁସ୍ମିତା ଦାସ ଯୁକ୍ତି ବାଢ଼ିଥିଲେ। ଜି.ଆର. କେଶ ନଂ.୬୯୮/୨୦୨୩ରେ ଏହି ମାମଲାର ଶୁଣାଣି ପଟ୍ଟାମୁଣ୍ଡାଇ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସମୀକ୍ଷା ମହାନ୍ତି ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଅନିଲଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

## ପଲ୍ଲୀଗଡ଼ରେ ବସ୍ତି ସମ୍ପର୍କ ଅଭିଯାନ

ମହାକାଳପଡ଼ା,୨୭।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଦିନ ଥିଲା କୁଜଙ୍ଗର ଷଣ୍ଢ ବଂଶୀୟ ରାଜାଙ୍କ ଗଡ଼ କୁହାଯାଉଥିବା ପଲ୍ଲୀଗଡ଼ରେ ରାଜା ତାଙ୍କର ରାଜ ନଅର ନିର୍ମାଣ କରି ପ୍ରଜାମାନଙ୍କ ସୁଖଦୁଃଖ ବୁଝୁଥିଲେ। ସମୟ ପରିବର୍ତ୍ତନ ହେବା ସହ ରାଜତନ୍ତ୍ର ସମ୍ପୂର୍ଣ୍ଣ ଲୋପ ପାଇବା ପରେ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ସରକାରଙ୍କ ଯୋଜନା ପ୍ରତି ଗାଁରେ ପହଞ୍ଚିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁମୁଖି ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଗାଁଗଣ୍ଡାରେ ସେହି ଯୋଜନା ପହଞ୍ଚି ପାରୁନି ବୋଲି ଅଭିଯୋଗ କରିଛନ୍ତି ପଲ୍ଲୀଗଡ଼ ବାସିନ୍ଦା। ଏହି ପରିପ୍ରେକ୍ଷୀରେ ବସ୍ତି ସମ୍ପର୍କ ଅଭିଯାନରେ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପେଟଛେଲା ପଞ୍ଚାୟତ ପଲ୍ଲୀଗଡ଼ ଗ୍ରାମରେ ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ବିଷ୍ଣୁ ଦାସ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଯଥା ଜନଧନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଷ୍ଟ୍ରୀୟ ଫସଲ ବୀମା ଯୋଜନା ଆଦି ଗ୍ରାମବାସୀଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ ପଚାରି ବୁଝିଥିଲେ। ଅପରପକ୍ଷେ ପେଟଛେଲା ପଞ୍ଚାୟତ ପଲ୍ଲୀଗଡ଼(ବୁଥ ନଂ.୨୦୦/୨୦୦୧)ର କେତେଜଣ ଲୋକଙ୍କୁ ନେଇ ଗ୍ରାମର ଥିବା ଷଣ୍ଢ ରାଜାଙ୍କ ଦରବାର ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଲୋକମାନେ କହିଛନ୍ତି, ଗୁପ୍ତଗିରି-କଣ୍ଟିଜୋର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ନାହିଁ। ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ପଲ୍ଲୀଗଡ଼ର ଉଲ୍ଲାସ ସେଠୀ, ଶରତ ସେଠୀ, ବିଷ୍ଣୁ ସେଠୀ, ଜଗବନ୍ଧୁ ସେଠୀ ପ୍ରମୁଖ ଅନୁସୂଚିତ ଜାତି ଲୋକମାନେ କହିଥିଲେ, ଆମେ ଅଭାବୀ ପରିବାର ହୋଇଥିଲେ ମଧ୍ୟ କେନ୍ଦ୍ରୀୟ ଯୋଜନା ଆମ ପହଞ୍ଚି ପାରି ନାହିଁ। ଏ ସଂକ୍ରାନ୍ତରେ ଭାଜପା ନେତା ବିଷ୍ଣୁ ଦାସ କହିଛନ୍ତି, ଏହି ଲୋକମାନଙ୍କ ପାଖରେ ସରକାରୀ ଯୋଜନା ନ ପହଞ୍ଚିବା ଦୁର୍ଭାଗ୍ୟଜନକ। ତୁରନ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ।

## ଟାଟା ପାୱାର ବିରୋଧରେ ବ୍ଲକ କଂଗ୍ରେସର ବିକ୍ଷୋଭ

ରାଜନଗର,୨୭।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକରେ ବିଦ୍ୟୁତ୍ ଆବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀ (ଟିପିସିଓଏଲ) ଦ୍ୱାରା ଦୀର୍ଘଦିନ ହେବ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୋଷଣ କରାଯାଉଛି। ପୂର୍ବ ମିଟରକୁ ବଦଳାଯାଇ ୩ ରୁ ୪ ଗୁଣା ପର୍ଯ୍ୟନ୍ତ ଉପଭୋକ୍ତାମାନଙ୍କଠାରୁ ଅଧିକ ବିଦ୍ୟୁତ ବିଲ ଆଦାୟ ହେଉଛି। ସାଧାରଣ ଲୋକେ ଏ ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଲେ ଲୋକମାନେ ସୁବିଧା ପାଇବା ବଦଳରେ ଟାଟା ପାୱାର କମ୍ପାନୀ ଦ୍ୱାରା ଜୁଲମର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରାଜନଗର ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପୁରୁଣା ଖୁଣ୍ଟ ଓ ତାରକୁ ପରିବର୍ତ୍ତନ କରି ନୂତନ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରିବା, ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଛାତ୍ରୀଛାତ୍ର, ବୃଦ୍ଧବୃଦ୍ଧା ଓ ଶିଶୁମାନେ ବହୁ ଅସୁବିଧାର ସମ୍ମୁଖିନ ହେବା, ଲୋ ଭୋଲଟେଜ ସମସ୍ୟାର ସମାଧାନ, ସୌଭାଗ୍ୟ ଯୋଜନା ଅଧୀନରେ ଥିବା ଗରିବ ହିତାଧିକାରୀମାନଙ୍କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା ଦାବି ୮ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ କଂଗ୍ରେସ କମିଟିର ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ମୋହନ କୁମାର ଦାସ, ସତ୍ୟବ୍ରତ ପାଣି, ଅଶୋକ କୁମାର ବଳ, ରଞ୍ଜନ କୁମାର ସୁନିଲ କୁମାର ରାଉଳ, ସହଦେବ ସାହୁ,ଚିତ୍ତ କୁମାର ମଲିକ, ଅଲେଖଚନ୍ଦ୍ର ବେହେରା, କାମଦେବରାଉତ, ବ୍ରହ୍ମାନନ୍ଦ ବାରିକ, ବିଜୟ କୁମାର ଜେନା, ସରୋଜ କୁମାର ଦାସ, ସୂର୍ଯ୍ୟମଣି ଜେନା, ଅନିରୁଦ୍ଧ ପାଢୀ, ରବିନ୍ଦ୍ର ପଢ଼ିହାରୀ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ବିଦ୍ୟୁତ୍ ବିଭାଗର ଏସ୍‌ଡିଓ କୁଳମଣି ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ୧୫ଦିନ ମଧ୍ୟରେ ଏହାର ସମାଧାନ ନ ହୁଏ ବ୍ଲକ କଂଗ୍ରେସ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।



ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାସ୍ଥ୍ୟ ସେବା ଶିବିର

ଜି.ଉଦୟଗିରି (ପି ସଞ୍ଜୀବ କୁମାର ପାତ୍ର): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବୁଧବାର ସୁରକ୍ଷା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ପୂର୍ବତନ ଅଧ୍ୟକ୍ଷ ପି ସଞ୍ଜୀବ କୁମାର ପାତ୍ର, ଲକ୍ଷ୍ମୀପ୍ରିୟା ପରିଚ୍ଛା, ମୋନାଲିସା ଦଳବେହେରା, କୁନ୍ତିମା ମଳିକ, ସଙ୍ଗୀତା ନାୟକ ଓ ମିତାରାଣୀ ନାୟକ ସହଯୋଗ କରିଥିଲେ।



# ସମନ୍ୱୟ ଅଭାବରୁ ପୂର୍ତ୍ତ ବିଭାଗ କାମ ମନ୍ଥର

## ଭଞ୍ଜନଗର-ବଦାଙ୍ଗି ରାସ୍ତା ପାଇଁ ୫୬ କୋଟି ବ୍ୟୟ ଅଟକଳ

ଭଞ୍ଜନଗର,୨୭।୯(ବାବୁଲା ପ୍ରଧାନ):

ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା ଭଞ୍ଜନଗରଠ୍-ବଦାଙ୍ଗି ରାଜ୍ୟ ରାଜପଥକୁ ୩ଟି ପର୍ଯ୍ୟାୟରେ କାମ କରାଯାଉଛି । ଏ ବାବଦରେ ୫୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ସେଥିମଧ୍ୟରେ ଗାଲେରୀ-ବଦାଙ୍ଗି ପ୍ରଥମ ପର୍ଯ୍ୟାୟ କାମ ପାଇଁ ୧୭ କୋଟି ୭୯ଲକ୍ଷ ଅନୁମୋଦନ ମିଳିଛି । ଉକ୍ତ କାମର ଚୁକ୍ତି ଅବଧି ସମୟ ଗତବର୍ଷ ଅକ୍ଟୋବର ୨୫ରେ ଶେଷ ହୋଇଛି। କିନ୍ତୁ ବଦାଙ୍ଗି ସମେତ କେତେକ ସ୍ଥାନରେ ଜବରଦଖଲ ଉଚ୍ଛେଦରେ ବିଳମ୍ବ ଯୋଗୁ କାମ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ । ସେହିଭଳି ତିଳିସିଙ୍ଗି ନିକଟସ୍ଥ ପହଣ୍ଡା ଛକରୁ ଗାଲେରୀ ରାଜପଥ କାମ ଦ୍ୱିତୀୟ ପର୍ଯ୍ୟାୟରେ ଚାଲିଛି। ଏ ବାବଦରେ ୨୪ କୋଟି ୪୯ଲକ୍ଷ ଟଙ୍କା ଅନୁମୋଦନ ମିଳିଛି । ଉକ୍ତ କାମର ଚୁକ୍ତି ଅବଧି ଗତ ମେ' ୧୮ରେ ଶେଷହୋଇଛି। କିନ୍ତୁ କାମ ସରିନଥିବା ଯୋଗୁ ପୁଣି ଚୁକ୍ତି ଅବଧି ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଗାଲେରୀଠାରୁ ସୋରିଷମୁଳି ପର୍ଯ୍ୟନ୍ତ ଅନେକ କାମ ଏବେ ବି ବାକି ଅଛି। ବର୍ଦ୍ଧିତ ଅବଧି ସମୟ ମଧ୍ୟରେ ଠିକାଦାର କାମ



ତିଳିସିଙ୍ଗି ଗାଲେରୀ ରାସ୍ତା କାମ ଚାଲିଛି।

ଶେଷ କରିବା ଭଳି ଲାଗୁନାହିଁ। ସେହିଭଳି ତୃତୀୟ ପର୍ଯ୍ୟାୟରେ ଭଞ୍ଜନଗର ଠାରୁ କୋଟିବିରାଡ଼ି ପର୍ଯ୍ୟନ୍ତ କାମ ହେଉଛି। ଉକ୍ତ କାମ ଗତ ଫେବୃୟାରୀ ୨୦ରୁ ଆରମ୍ଭ ହୋଇଥିବା ବେଳେ ଏହା ୨୦୨୪ ଫେବୃୟାରୀ ୧୯ ତାରିଖରେ ସରିବା ଲକ୍ଷ୍ୟ ରଖାଯାଇଛି। କିନ୍ତୁ କାମ ଯେଉଁଭଳି ମନ୍ଥର ଗତିରେ ଚାଲିଛି ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସରିବ ନାହିଁ। ରାସ୍ତା ପ୍ରଶସ୍ତୀକରଣ ସମୟରେ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟକୁ ହଟାଇବାକୁ ପଡୁଛି। ରାସ୍ତା କଡ଼ରେ ଥିବା ଗଛ କଟାଯାଉଛି । ଯେଉଁଠି ଜବରଦଖଲ ଉଚ୍ଛେଦ କରିବାର ଆବଶ୍ୟକତା ପଡୁଛି ତାହା ମଧ୍ୟ କରାଯାଉଛି । କିନ୍ତୁ ପୂର୍ତ୍ତ ବିଭାଗ ଉକ୍ତ ବିଭାଗ ସମେତ ଠିକାଦାରଙ୍କ ସହ ସମନ୍ୱୟ ରଖିବାରେ ବିଫଳ ହେଉଛି । ତେଣୁ କାମ ଗୁଡ଼ିକ ବିଳମ୍ବ ହେଉଛି। ଏଥିସହ ଯନ୍ତ୍ରୀମାନେ କାମକୁ ନିୟମିତ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଅନେକ ସମୟରେ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟସ୍ଥଳରେ ଅନୁପସ୍ଥିତ ରହୁଛନ୍ତି। ଏତେ ବଡ଼ ବଡ଼ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ କର୍ମଚାରୀମାନଙ୍କ ଅନୁପସ୍ଥିତି ଯୋଗୁ କେତେକ ସ୍ଥାନରେ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣଯନ୍ତ୍ରୀ ଆଶିଷ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କାମଗୁଡ଼ିକ କିଭଳି ତୁରନ୍ତ ସରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଭଞ୍ଜନଗର ଠାରୁ କୋଟିବିରାଡ଼ି ରାସ୍ତା ପାଇଁ ୧୩ କୋଟି ୯୫ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୭।୯ (ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ଟାଉନ ହଲଠାରେ ଏହି ଜିଲାସ୍ତରୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ସମଲାଇ ନୃତ୍ୟ କଳା ପରିଷଦ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନୂଆଖାଇ ପଶ୍ଚିମ ଓଡିଶାର ଏକ କୃଷି ଭିତ୍ତିକ ଗଣପର୍ବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ନିର୍ମଳା ସେଠି ଯୋଗଦେଇ ଏହି ପର୍ବ ପାଳନର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଏହି ପର୍ବରେ ଭାବର ଆଦାନପ୍ରଦାନ କରାଯାଏ ବୋଲି ମତ ଦେଇଥିଲେ। ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ କଳାକାର ଆଦର୍ଶ ଦାସ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ସମ୍ବଲପୁରୀ ନୃତ୍ୟ ଏବଂ ନୃତ୍ୟ ପରିବେଷଣ ପାଇଁ ଏପରି ମଞ୍ଚ ଅନେକ ଗୁରୁତ୍ୱ ରଖୁଛି।

### ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ରାଇକିଆ,୨୭।୯(ପ୍ରଦୀପ ବେହେରା)

ରାଇକିଆ ବ୍ଲକ ଅଫିସ ପରିସରରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି ମହିଳା ସଦସ୍ୟଙ୍କ ଦ୍ୱାରା ଏହା ପରିଚାଳିତ ହେବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଜିଲାପାଳ ଈଶ୍ୱର ପାଟିଲ, ରାଇକିଆ ବିଡିଓ ଶରତ ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପାରମ୍ପରିକ ଲୋକ ନୃତ୍ୟ ସହ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ବହୁ ସଂଖ୍ୟାରେ ମିଶନ ଶକ୍ତି ମହିଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଓଡ଼ିଶା ଜୀବିକା ମିଶନ ତରଫରୁ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା। ପରେ ଜିଲାପାଳ ନବ ନିର୍ମିତ ଶିଶୁ ଉଦ୍ୟାନ ଓ ଲକ୍ଷ୍ମୀସାଗର ପୋଖରୀର ଉନ୍ନତୀକରଣ ବୁଲି ଦେଖିଥିଲେ।

### ୧୨୬ ଛାତ୍ରୀଛାତ୍ର ଦେଲେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା

ବୁଗୁଡ଼ା,୨୭।୯(କାଳି ଚରଣ ଦାଶ)

ବୁଗୁଡା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ବୁଧବାର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ୧୪ ଜଣ ଅନୁପସ୍ଥିତ ଥିଲେ। ଉକ୍ତ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଗାର୍ଲସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ୟୁ.ରବି କୁମାର ରହିଥିବା ବେଳେ ସିଆରସିସି କିରଣ ବାଳା ତ୍ରିପାଠୀ, ଶଶିକାନ୍ତ ପାତ୍ର, ସୁଶାନ୍ତ କୁମାର ସେଠୀ, ମାନସ ରଞ୍ଜନ ସେଠୀ, ରାଜେଶ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଦେବଦତ୍ତ ମହାନ୍ତି, ବିଶ୍ୱଜିତ ପରିଡା ଏବଂ ଶିକ୍ଷୟିତ୍ରୀ ଅଞ୍ଜଳି କୁମାରୀ କଅଁର ଓ ଦେବୀ ଶବର ପ୍ରମୁଖ ପରୀକ୍ଷା କକ୍ଷ ନିରୀକ୍ଷକ ଭାବେ ନିୟୋଜିତ ଥିଲେ। ଚିନ୍ମୟ ମହାପାତ୍ର, ଅମିତା କୁମାରୀ ପାଢ଼ୀ ଓ ସିମାଞ୍ଚଳ ସେଠୀ ପର୍ଯ୍ୟବେକ୍ଷକ ରୂପେ ଯୋଗ ଦେଇଥିଲେ।

### ବିଦ୍ୟୁତ ଫାଶରେ ବାର୍‌ହା ମୃତ ୪ ଗାଁରେ ସରବରାହ ବ୍ୟାହତ

ରମ୍ଭା,୨୭।୯(ବନବାସୀ ସେଠୀ):

ରମ୍ଭା ଥାନା ଖଣ୍ଡଦେଉଳି ପଞ୍ଚାୟତ ସ୍ଥିତ ବଳରାମପୁର ଗ୍ରାମରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ବାର୍‌ହା ମୃତ୍ୟୁ ଘଟିଛି। ଏଥିପାଇଁ ବଡଚକଡା, କାଇଁଚପୁର, ବଳରାମପୁର, ନୂଆପଲ୍ଲୀ ସମେତ ବିଭିନ୍ନ ଗ୍ରାମରେ ମଙ୍ଗଳବାର ଦୀର୍ଘ ଦଶଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିଲା। ୪ ଖଣ୍ଡ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରିଥିଲେ। ବିଭାଗୀୟ କର୍ମଚାରି ବଳରାମପୁର ଗ୍ରାମନିକଟ ଜଙ୍ଗଲରେ ପହଞ୍ଚି ବିଦ୍ୟୁତ ତାରରେ ଲାଗି ବାରହା ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଫରେଷ୍ଟ ଗାର୍ଡ ଦେବାଶିଷ ପଟ୍ଟନାୟକ ଓ ସ୍କ୍ୱାର୍ଡ ମିଳିତରେ ମୃତ ବାରହାଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

## 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ

ରାଇକିଆ, ୨୭।୯ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ମଙ୍ଗଳାବର ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଅଭିନବ କାର୍ଯ୍ୟକ୍ରମ 'ଆମେ ଜାଣିବା ଆମେ ଜିଣିବା' ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ଜଗଦୀଶ ମହାକୁଡଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯାହା ଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ଏବଂ ବିଭିନ୍ନ ବିଭାଗ ବିଶେଷ କରି ଜଙ୍ଗଲ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନାର ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ଶରତ ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, ଏଡିଡବ୍ଲୁଇଓ ଉମେଶ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ ପି ଟି ଏ ସଭାପତି ସୁରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଲିପିକା ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଅଲେଖ ପ୍ରଧାନ, ନରେଶ କହଁର, ଡେଜଲିନ ପ୍ରଧାନ, ମଧୁକା ପ୍ରଧାନ, ଦିବ୍ୟ ପ୍ରକାଶ ସାହୁ ସହଯୋଗ କରିଥିଲେ ।

## ଉପକାରାଗାର କର୍ମଚାରୀଙ୍କ ଅନଶନ ସ୍ଥଗିତ

### ଜଣେ ଅସୁସ୍ଥ ହସ୍ପିଟାଲରେ ଭର୍ତ୍ତି



ଅସୁସ୍ଥ ଉପକାରାଗାର କର୍ମଚାରୀ ମେଡିକାଲରେ ଚିକିତ୍ସାଧୀନ।

ଛତ୍ରପୁର,୨୭।୯(ସନ୍ତୋଷ ପାଢ଼ୀ): ଛତ୍ରପୁର ଉପକାରାଗାର କର୍ମଚାରୀଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାରଠାରୁ ଚାଲିଥିବା ଅନଶନ ବୁଧବାର ସ୍ଥଗିତ ହୋଇଛି। ୬ ତାରିଖରେ ସରକାରଙ୍କ ସହ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି। ତେବେ ପୂର୍ବଭଳି କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ବୋଲି କୁହାଯାଇଛି। ଅପରପକ୍ଷରେ ଛତ୍ରପୁର ସଙ୍ଘ ସଭାପତି ତଥା ୱାର୍ଡର ଗୋପୀନାଥ ଜେନା ବୁଧବାର ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କୁ ଚିକିତ୍ସା ଲାଗି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# କମିଟି ରିପୋର୍ଟ ଦାଖଲ ଲାଗି ୩ ସପ୍ତାହ ମାଗିଲେ

## ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ କାର୍ଯ୍ୟ

ଛତ୍ରପୁର,୨୭।୯(ସନ୍ତୋଷ ପାଢୀ):

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠରେ ଥିବା ହୁମୁରୀ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ତାମ୍ପରା ରିସର୍ଟ ନିର୍ମାଣ ହୋଇଛି। ଏନେଇ କୋଲକତାସ୍ଥିତ ଏନଜିଟି ଇଷ୍ଟର୍ନ ଜୋନ ବେଞ୍ଚ ନୋଟିସ ସହ କମିଟି ଗଠନ କରି ଅନୁଧ୍ୟାନ ରିପୋର୍ଟ ସତ୍ୟପାଠ ଜରିଆରେ ୪ ସପ୍ତାହ ମଧ୍ୟରେ ଦାଖଲ ପାଇଁ ଅଗଷ୍ଟ ୧୧ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ୨୫ ତାରିଖରେ ଗଞ୍ଜାମ ଜିଲାପାଳ ଏହା ଉପରେ ଏକ ସତ୍ୟପାଠ ଏନଜିଟି ଇଷ୍ଟର୍ନ ଜୋନ ବେଞ୍ଚରେ ଦାଖଲ କରିଛନ୍ତି। ଉକ୍ତ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ ବେଞ୍ଚଙ୍କ ନିର୍ଦ୍ଦେଶ ପ୍ରକାରେ ୫ତାରିଖରେ କମିଟି ଗଠନ ହୋଇଛି। ଏଥିସହ ଉକ୍ତ କମିଟି ୨୨ ତାରିଖରେ ତାମ୍ପରା ହ୍ରଦ ପରିଦର୍ଶନ କରିଥିଲେ। ଅଗଷ୍ଟ ୧୨ରୁ ତାମ୍ପରା ହ୍ରଦ ନିକଟରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ନିର୍ମାଣ ସଂସ୍ଥାକୁ କାରଣଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ କମିଟିର ଅନୁଧ୍ୟାନ ରିପୋର୍ଟ ଦାଖଲ ପାଇଁ ୩ ସପ୍ତାହ ସମୟ ଦେବାକୁ ଏନଜିଟିଙ୍କୁ ନିବେଦନ କରିଛନ୍ତି। ଏହାର ଶୁଣାଣି କରି ଏନଜିଟି ଆସନ୍ତା ନଭେମ୍ବର ୩କୁ ସମୟ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷରେ ତାମ୍ପରା ହ୍ରଦକୁ ସଂକୁଚିତ କରି ନିର୍ମାଣ କାର୍ଯ୍ୟ କରାଯାଇଥିବା ସମ୍ବନ୍ଧୀୟ ଫଟୋ ସହ ଆଉ ଏକ ସତ୍ୟପାଠ ଆବେଦନକାରୀଙ୍କ ପକ୍ଷରୁ ଏନଜିଟିଙ୍କ ଠାରେ ଦାଖଲ କରାଯାଇଛି।

## ନଦୀରେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ଧରାକୋଟ,୨୭।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗତ ୨୪ ତାରିଖରେ ନୂଆଗଡଠାରେ ଋଷିକୁଲ୍ୟା ନଦୀ ପାର ହୋଇ ଯାଉଥିବା ବେଳେ ବାରଧାଙ୍ଗିଡି ଗ୍ରାମର କରୁଣାକର ଦାସ (୩୫) ଭାସି ଯାଇ ନିଖୋଜ ହୋଇଯାଇଥିଲେ। ବୁଧବାର ଧରାକୋଟ ଥାନା ଅନ୍ତର୍ଗତ ଜାହାଡ଼ା ନିକଟ ନଦୀ କୂଳରୁ ପୋଲିସ କରୁଣାକରଙ୍କ ଗଳିତ ମୃତଦେହ ଜବତ କରିଛି। ଜାହାଡ଼ା ନିକଟ ନଦୀ କୂଳରେ କରୁଣାକରଙ୍କ ମୃତଦେହ ଲାଗିଥିବା ଦେଖି ଲୋକେ ପୋଲିସକୁ ଜଣାଇଥିଲା। ପୋଲିସ ପହଞ୍ଚି ମୃତଦେହ ପାଣିରୁ ବାହାର କରିଥିଲା। ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଏପଟେ ନୂଆଗଡ଼ଠାରେ ସରକାରଙ୍କୁ ବିଜୁ ସେତୁ ନିର୍ମାଣ ଯୋଜନାରେ କାମ ଆରମ୍ଭ ହୋଇଛି। ହେଲେ ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ସେତୁ ନିର୍ମାଣ ଶେଷ ହେଉନି। ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ବହୁବାର ଜଣାଇଲା ପରେ ବି କୌଣସି ସୁଫଳ ମିଳିନାହିଁ । ଫଳରେ ସେଠାରେ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପାର ହେବା ସମୟରେ ଭାସିଯାଇ ମୃତ୍ୟୁ ଘଟୁଥିବା ବାରଧାଙ୍ଗିଡିବାସୀ ଅଭିଯୋଗ କରିଛନ୍ତି।

## ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସ୍ତ୍ରୀଙ୍କ ନିବେଦନ

### ଚିକିତ୍ସାରେ ଅର୍ଥ ବାଧକ

ବୁଗୁଡ଼ା,୨୭।୯(କାଳି ଚରଣ ଦାଶ)

ବର୍ଷେ ହେଲା ଜୀବନ ଯନ୍ତ୍ରଣାରେ ସ୍ୱାମୀ ଛଟପଟ ହେଉଥିଲା ବେଳେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ବ୍ରେଇନ୍ ହ୍ୟାମରେଜ୍ ଯୋଗୁ ଜୀଅନ୍ତା ଶବ ପାଲଟି ଯାଇଥିବା ସ୍ୱାମୀଙ୍କୁ ଭଲ କରିବା ପାଇଁ ସହାୟତା ମାଗୁଛନ୍ତି କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଭାଗ୍ୟଶ୍ରୀ। ଗଞ୍ଜାମ ଜିଲା ବୁଗୁଡ଼ା ଏନଏସି ଅରବିନ୍ଦ ନଗର ନିବାସୀ କୃଷ୍ଣଚନ୍ଦ୍ର ପାତ୍ର। ପରିବାର କହିଲେ ସ୍ତ୍ରୀ, ପୁଅଟିଏ ଓ ଝିଅଟିଏ। ବୁଗୁଡା ସହରରେ ଦୋକାନ କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳୁଥିଲା। ହେଲେ ଗତ ବର୍ଷ ୨୫ ସେପ୍ଟେମ୍ବରରେ କୃଷ୍ଣଚନ୍ଦ୍ର ବ୍ରେନ୍ ଷ୍ଟ୍ରୋକର ଶିକାର ହେଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହେଲେ। ତାଙ୍କର ଚିକିତ୍ସା ପାଇଁ ସୁନାଗହଣା ବିକ୍ରି ହୋଇଗଲା, ଘରଡିହ ବନ୍ଧା ପଡିଗଲା, ଭାଇବନ୍ଧୁ ଓ ସାଙ୍ଗସାଥି ସାହାଯ୍ୟ କରିଥିବା ଟଙ୍କା ସାଙ୍ଗକୁ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମିଳିଥିବା ସହାୟତା ରାଶି ସରିଗଲା ପରେ ବି ଆରୋଗ୍ୟ ଲାଭ କରିପାରିଲେ ନାହିଁ କୃଷ୍ଣଚନ୍ଦ୍ର। ଅନ୍ୟପକ୍ଷରେ ଆର୍ଥିକ ଅନାଟନ ଯୋଗୁ ମେଧାବୀ ଝିଅ ଓ ପୁଅର ପାଠ ପଢ଼ାରେ ଡୋରି ବନ୍ଧା ହୋଇଗଲା। ଏବେ ତାଙ୍କର ଚିକିତ୍ସା ପାଇଁ ଦୈନିକ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସ୍ୱାସ୍ଥ୍ୟବସ୍ଥାରେ ଟିକେ ଟିକେ ସୁଧାର ଆସୁଛି। ସ୍ୱାମୀଙ୍କୁ କିଭଳି ଭଲ କରିବେ ସେନେଇ ସ୍ତ୍ରୀ ଓଡ଼ିଶାବାସୀଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ସହାୟତା କରିବାକୁ ଚାହାଁନ୍ତି ତେବେ ତାଙ୍କର ଏକ୍ସିସ୍ ବ୍ୟାଙ୍କ ଆକାଉଣ୍ଟନମ୍ବର – ୯୨୧୦୧୦୦୨୩୩୨୮୫୦୨, ଆଇଏଫସି କୋଡ୍ – ୟୁଟିଆଇବି ୦୦୦୩୮୯୮କିମ୍ବା ଫୋନ୍ ପେ ନମ୍ବର ୭୦୦୮୭୨୨୭୬ ଯୋଗେ ଆର୍ଥିକ ସାହାଯ୍ୟ କରିପାରିବେ ବୋଲି କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଆବର୍ଜନାମୁକ୍ତ ଭାରତ ସମ୍ପର୍କିତ କର୍ମଶାଳା

ଜି.ଉଦୟଗିରି,୨୭।୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନଏସି ତରଫରୁ ବୁଧବାର ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆବର୍ଜନା ମୁକ୍ତ ଭାରତ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ବାଘ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜେ ସ୍ୱଚ୍ଛ ରହିବା ଘର ଓ ନିଜ ଶିକ୍ଷାନୁଷ୍ଠାନ ପରିବେଶକୁ ସ୍ୱଚ୍ଛତା ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ସଡଙ୍ଗୀ, ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଶିଶିର ପଟ୍ଟନାୟକ, ଅଧ୍ୟାପିକା ଡ଼ ବବିତା ରାଣୀ ପଟ୍ଟନାୟକ, ଅଧ୍ୟାପିକା ସୁଧାରାଣୀ ପାତ୍ର ଯୋଗଦେଇ ଆବର୍ଜନା ମୁକ୍ତ ଭାରତ ସମ୍ପର୍କରେ କହିଥିଲେ। ଏନଏସି ତରଫରୁ ମୁକେଶ କୁମାର ନାୟକ, ଭବାନୀ ପ୍ରସାଦ ବେହେରା, ମୌସୁମୀ ବେହେରା ରିସୋର୍ସ ପର୍ଶନ ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ଓ ଭାରତକୁ ଆବର୍ଜନା ମୁକ୍ତ କରିବା ଉପରେ ସଚେତନ କରିବା ସହ ଏ ସମ୍ପର୍କିତ ପ୍ରତିଯୋଗିତା କରି କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ

ଆସିକା,୨୭।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ହିନ୍ଦୀ ବିଭାଗ ପକ୍ଷରୁ ମଙ୍ଗଳବାର ହିନ୍ଦୀ ଦିବସ ପାଳିତ ହୋଇଥିଲ। କଲେଜର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦୀ ପ୍ରଫେସର ଗଙ୍ଗାଧର ବେହେରା ମୁଖ୍ୟଅତିଥି ଓ ହିନ୍ଦୀ ଶିକ୍ଷକ ଚିରଞ୍ଜୀବୀ ଆଚାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୀ ବିଭାଗର ଅଧ୍ୟାପକ ରାଜେଶ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗର ମୁଖ୍ୟ ଜିନିତ ସବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦେଶ ସ୍ୱାଧୀନତାର ୭୬ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ଭାଷାକୁ ରାଷ୍ଟ୍ର ଭାଷାର ମାନ୍ୟତା ମିଳି ପାରି ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ହିନ୍ଦୀ ଭାଷା ଆନ୍ତର୍ଜାତିକ ସ୍ତରରେ ତୃତୀୟ ସ୍ଥାନରେ ରହିଥିବା ବେଳେ ଭାରତରେ ଏହି ଭାଷା କେବଳ ମୌଖିକରେ ରାଷ୍ଟ୍ର ଭାଷା ରୂପେ ରହିଆସିଛି ବୋଲି ଅତିଥିମାନେ କହିଥିଲେ। ହିନ୍ଦୀ ଦିବସ ଉପଲକ୍ଷେ ଅନୁଷ୍ଠିତ କୁଇଜ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବୈଠକ

## ୫ ଜିଲାର ଅଧିକାରୀ ଯୋଗଦେଲେ

ଛତ୍ରପୁର,୨୭।୯(ସନ୍ତୋଷ ପାଢ଼ୀ):

ଓଡିଶା ଆପିକଲ ଅଧ୍ୟକ୍ଷ ପ୍ରଭାଦିତ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲା ପରିଷଦ ଜଉଗଡ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ବିଭାଗୀୟ ଖାଦ୍ୟ ପ୍ରକ୍ରିୟାକରଣ କାର୍ଯ୍ୟକ୍ରମ ୫ଟି ଜିଲାର ମୁଖ୍ୟ କୃଷି ଜିଲା ଅଧିକାରୀ, ଆପିକାଲ ଜିଲା ସଂଯୋଜକ ଓ କୃଷି ଉଦ୍ୟୋଗୀମାନଙ୍କୁ ନେଇ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ନୟାଗଡ, ରାୟଗଡ଼ା, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲା ମୁଖ୍ୟ କୃଷି ଜିଲା ଅଧିକାରୀ, ଆପିକାଲ ଜିଲା ସଂଯୋଜକ ଓ କୃଷି ଉଦ୍ୟୋଗୀଗଣ ଯୋଗଦେଇଥିଲେ। ଏଥିରେ କୃଷି ଉଦ୍ୟୋଗୀ, କୃଷକ ଉତ୍ପାଦକ ସଂଗଠନ ଏବଂ କୃଷିଜାତ ଦ୍ରବ୍ୟ ସମ୍ବନ୍ଧୀୟ କମ୍ପାନୀମାନଙ୍କ ମଧ୍ୟରେ ସମନ୍ୱୟ କର୍ମଶାଳା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ମୁଖ୍ୟ ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ, ନୟାଗଡ, ନାବାର୍ଡର ଡିଡିଏମ ସଞ୍ଜୀବ ମିଶ୍ର, ଗଞ୍ଜାମ ଏଲଡିଏମ କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରୀ ପ୍ରଣତୀ ପଣ୍ଡା ଏବଂ ଆପିକଲ ଜିଲା ସଂଯୋଜକ ଚିନ୍ମୟ ବେହେରା ପରିଚାଳନା କରିଥିଲେ।

## ଜାତୀୟ ୟାଚିଂ ଚମ୍ପିୟାନସିପରେ ମନସ୍ୱିନୀଙ୍କୁ ସ୍ୱର୍ଣ୍ଣ

ଗଞ୍ଜାମ,୨୭।୯(ବିଦ୍ୟାଧର ସାହୁ)

ମୁମ୍ବାଇର ଜାତୀୟ ୟାଚିଂ ସିନିଅର ସେଲିଂ ଚମ୍ପିୟାନଶିପରେ ଗଞ୍ଜାମର ମନସ୍ୱିନୀ ମହାରଣା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମନସ୍ୱିନୀ ଆରଏକ୍ସ ମହିଳା ବର୍ଗରେ ଓଡିଶା ୟାଚିଂ ଆସୋସିଏଶନ ପକ୍ଷରୁ ଅଂଶ ଗ୍ରହଣ କରିଥିଲେ। କୋଚ ସବୀର ବକ୍ସଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ମନସ୍ୱିନୀ ଉକ୍ତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଛନ୍ତି। ସ୍ୱର୍ଣ୍ଣ ପଦକ ପାଇବା ବେଳେ ଓଡିଶାରୁ ପର୍ଯ୍ୟବେକ୍ଷକ ଭାବେ କ୍ରୀଡା ଓ ଯୁବ ସେବା ବିଭାଗର ଶୈଳେନ୍ଦ୍ର ଜେନା ଉପସ୍ଥିତ ଥିଲେ। ମନସ୍ୱିନୀ ହେଉଛନ୍ତି ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ପଣିବନ୍ଧ ଗ୍ରାମର ଭାସ୍କର ମହାରଣାଙ୍କ ଝିଅ। ବାପା ଜଣେ ବୃତ୍ତିରେ କାରିଗର ମା ପ୍ରମିଳା ଗୃହିଣୀ। ପିଲାଟି ଦିନରୁ ଉଚ୍ଚାଭିଳାଷୀ ମନସ୍ୱିନୀ ପାଣି ଖେଳ କୁଦ ତଥା ପାଣିରେ ପହଁରିବାକୁ ଭଲ ପାଉଥିଲେ। ଏମିତି ଖେଳୁ ଖେଳୁ ବିଶ୍ୱସର୍ଫିଙ୍ଗ



ଖେଳ ପ୍ରତି ଆଗ୍ରହ ବଢିଥିଲା। ୧୪ ବର୍ଷରେ ସେ ସେଥିରେ ପାଦ ଦେଇଥିଲେ। ୨୦୧୧-୧୨ରେ ଗୋଆରେ ପ୍ରଥମ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୨୦୧୩ରେ ପୁଣି ଗୋଆରେ ସମସ୍ତ ୧୨ଟି ରେସରେ ସ୍ୱର୍ଣ୍ଣ ପଦକ, ୨୦୧୪ରେ ଡୋନାପୋଲରେ ଜାତୀୟ ଚମ୍ପିୟାନସିପରେ ପ୍ରଥମ ସ୍ଥାନ, ୨୦୧୫ରେ ରାମେଶ୍ୱରଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଏବଂ ସେହି ବର୍ଷ ବ୍ୟାଙ୍କିଂ ଓପେନିଙ୍ଗ ସେଲିଂ ଏହି ଦୁଃସାହସିକ ମନସ୍ୱିନୀଙ୍କୁ ଓଡିଶା ଗୌରବ ପୁରସ୍କାର ପ୍ରଦାନ କରାଯାଇଛି।

# ସିମନବାଡ଼ି -ସିକାକେତା ରାସ୍ତା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

## ପୁରୁଣା ଡ୍ରେନ୍ କାର୍ଯ୍ୟକୁ ନେଇ ଅସନ୍ତୋଷ

ଦାରିଙ୍ଗବାଡି,୨୭।୯(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ସିମନବାଡିଠାରୁ ସିକାକେତା ପର୍ଯ୍ୟନ୍ତ ୧୫ କିମି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଗତ ୨୦୨୨ ଜୁନରୁ ଆରମ୍ଭ କରାଯାଇଥିବା କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ବେଳେ ବିଳମ୍ବ ମଧ୍ୟ ହେଉଛି ଫଳରେ ଲାଇଫଲାଇନ କୁହାଯାଉଥିବା ଏହି ରାସ୍ତାରେ ଯାତାୟାତରେ ବହୁତ ସମସ୍ୟା ହେଉଛି। ଦୈନିକ ଏହି ରାସ୍ତାରେ ଶହ ଶହ ଅଞ୍ଚଳବାସୀ ରାଇକିଆ, ଜି. ଉଦୟଗିରି, ଫୁଲବାଣୀ, ଟିକାବାଲି ଯାତାୟାତ କରିଥାନ୍ତି। ହେଲେ ଏବେ ଏହି ରାସ୍ତା ମରଣଯନ୍ତା ପାଲଟିଥିବାରୁ ଲୋକେ ବହୁ ହନ୍ତସନ୍ତ ହେଉଛନ୍ତି। ଉକ୍ତ ରାସ୍ତାର ସାମ୍ପ୍ରସାରଣ ବେଳେ ସିକାକେତା ଗ୍ରାମରେ ପୂର୍ବରୁ ରହିଥିବା ଡ୍ରେନ ଉପରେ ଗାର୍ଡ ୱାଲ ନିର୍ମାଣକୁ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ ବିରୋଧ କରିଛନ୍ତି। ପୁରୁଣା ଡ୍ରେନ



ପୁରୁଣା ଡ୍ରେନ ଉପରେ ଲୁହା ରଡ଼ ଦେଇ କାର୍ଯ୍ୟ କରାଯାଉଛି।

ଉପରେ ଏବେ ଲୁହା ଛଡ଼ ଦେଇ କଂକ୍ରିଟ ଢଳେଇ କରାଯାଉଛି ଯାହାକି ଆଗାମୀ ଦିନରେ ବର୍ଷାରେ ଧୋଇହୋଇଯିବ ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ପୂର୍ତ୍ତ ବିଭାଗ ଦ୍ୱାରା ଉକ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ବେଳେ କିଭଳି ପୁରୁଣା ଡ୍ରେନ୍‌କୁ ମରାମତି କରି ଚଞ୍ଚକତା କରିବାକୁ ବିଭାଗର ଅଧିକାରୀମାନେ ଚକ୍ରାନ୍ତ କରିପାରନ୍ତି ବୋଲି ସରପଞ୍ଚ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଦୀର୍ଘ ଦିନ ହେଲା ଉକ୍ତ ରାସ୍ତାର ଏକାଧିକ ସ୍ଥାନରେ ମେଟାଲ ପକାଇ ଛାଡି ଦିଆଯାଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଠିକା ସଂସ୍ଥା ନାମରେ ବିଭାଗ ବାରମ୍ବାର କାରଣ ଦର୍ଶାଅ ନୋଟିସ ଦେଇଥିଲେ ସୁଦ୍ଧା ପୂର୍ବରୁ ଯାହା ଅବସ୍ଥା ଥିଲା ଏବେ ମଧ୍ୟ ସେହି ମରଣଯନ୍ତା ହୋଇରହିଛି। ସୂଚନାଯୋଗ୍ୟ, ଉକ୍ତ ୧୫ କିମି ରାସ୍ତାକୁ ପ୍ରାୟ ୨୩ କୋଟି ଟଙ୍କା ବିନିମୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହାର ତଦାରଖ କରିବାକୁ ବିଭାଗୀୟ ଅଧିକାରୀମାନେ ନିୟମିତ ପଦକ୍ଷେପ ନେଉ ନ ଥିବାରୁ ଅବହେଳା ହେଉଥିବା ଅଭିଯୋଗ ହେଉଛି। ଏ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ମଣ୍ଡଳ କହିଛନ୍ତି ସେଠାରେ ପୁରୁଣା ଡ୍ରେନ୍ ରହିଥିବାରୁ ଡ୍ରେନ୍ ପାଇଁ ଅଟକଳ କରାଯାଇ ନ ଥିଲା। ଏବେ ରାସ୍ତା ଉଚ୍ଚ ହେବାରୁ ପୁରୁଣା ଡ୍ରେନ ଉପରେ ପୁଣି ୱାଲ ଉଠାଯାଉଛି ବୋଲି କହିଛନ୍ତି।

# ଧାର୍ମିକ, ପରିବେଶ ପର୍ଯ୍ୟଟନ କ୍ଷେତ୍ରକୁ ଅଣଦେଖା

- ଶିଳ୍ପ ମାନ୍ୟତା ସହ କର୍ମ ନିଯୁକ୍ତିକୁ ଯୋଡ଼ାଯାଉ
- ତୁଳସୀକ୍ଷେତ୍ରର ପଞ୍ଚୁବରାହୀଙ୍କ ପୂଜକ ଦଳିତ ମହିଳା
- ମାନ୍ୟତା ହରାଇବା ଅପେକ୍ଷାରେ ଜାତୀୟ ଉଦ୍ୟାନ

**କେନ୍ଦ୍ରାପଡ଼ା, ୨୭।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ଏକମାତ୍ର ଜାତୀୟ ଉଦ୍ୟାନ ଅଛି। ଏଥିସହ ତୁଳସୀକ୍ଷେତ୍ର ଭାବେ ଏହି ଜିଲା ଧାର୍ମିକ, ପର୍ଯ୍ୟଟନ ପାଇଁ ପରିଚିତି ଲାଭ କରିଛି। ଏହି କ୍ଷେତ୍ରର ରାଜନଗର ବଗପାଟିଆରେ ଅବସ୍ଥିତ ପଞ୍ଚୁବରାହୀ ମନ୍ଦିରରେ କେବଳ ଦଳିତ ମହିଳା ହିଁ ପୂଜା କରନ୍ତି; ଯାହା ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ପରିବେଶ ଓ ଧାର୍ମିକ, ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ଏହାକୁ ଏକ ଶିଳ୍ପର ମାନ୍ୟତା ପାଇଁ ଉଦ୍ୟମ ହୋଇନାହିଁ। ପର୍ଯ୍ୟଟନ ସହିତ କର୍ମ ନିଯୁକ୍ତିକୁ ଯୋଡ଼ିବାକୁ ସ୍ଥାନୀୟ ପ୍ରଶାସକ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଧାର୍ମିକ ସ୍ଥଳର ଉନ୍ନତୀକରଣର ଆବଶ୍ୟକତା ଥିବା ବେଳେ ବିଭିନ୍ନ କାରଣରୁ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତାରୁ ବଞ୍ଚିତ ହେବା ସମ୍ଭାବନା ଦେଖାଦେଇଛି।


ଭିତରକନିକାରେ କୁମ୍ଭୀର ଓ ହେନ୍ତାଳବଣ।


ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିର।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଇଚ୍ଛାପୁରର ଶ୍ରୀବଳଦେବଜୀଉ, ସହରର ଗୋବିନ୍ଦଜୀଉ, ତମାଳଶାସନର ଦଧିବାମନଜୀଉ, ସନ୍ଥପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ତ୍ତେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା, ବଟିଘର ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ପର୍ଯ୍ୟଟନସ୍ଥଳୀ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବ ସହ ପର୍ଯ୍ୟଟନସ୍ଥଳୀକୁ ଉତ୍ତମ ରାସ୍ତା ନାହିଁ। ଏହି ଜିଲାରେ ଶ୍ରୀବଳଦେବଜୀଉଙ୍କ ବିଭିନ୍ନ ଲୀଳାକୁ ଛୋଟ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶନ କରାଯାଇ ପାରିଲେ ଆର୍ଥିକ ବିକାଶ ହୋଇପାରିବ। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ଦେଶରେ ହାତଗଣତି ମନ୍ଦିରରେ ମହିଳା ପୂଜକ ଅଛନ୍ତି। କେରଳ ରାଜ୍ୟ ଥିରୁଭାନନ୍ତପୁରମସ୍ଥିତ ଭଗବତି ମନ୍ଦିର, ମହାରାଷ୍ଟ୍ରର ଶନି ଶିଙ୍ଗ୍ନପୁର ମନ୍ଦିର ଆଦିରେ ମହିଳା ପୂଜକ ଥିବା ବେଳେ ରାଜ୍ୟର ଏକମାତ୍ର ପଞ୍ଚୁବରାହୀ ଦେବୀଙ୍କୁ ଦଳିତ ମହିଳା ପୂଜା କରିବାର ସ୍ୱତନ୍ତ୍ର ଅଧିକାର ଅଛି। ଏହି ପରମ୍ପରା ପ୍ରାୟ ୪୦୦ବର୍ଷ ଧରି ଚାଲିଆସିଛି। ଏହା ସାମ୍ପ୍ରତିକ ସମୟରେ ମହିଳା ସଶକ୍ତୀକରଣ ଉଦାହରଣ ପାଲଟିଛି। ରାଜନଗର ବ୍ଲକ ବଗପାଟିଆସ୍ଥ ଏହି ପୀଠର ଉନ୍ନତୀକରଣ ସହ ପ୍ରଚାର ପ୍ରସାର ହୋଇପାରିଲେ ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବ। ସେହିପରି ଅବହେଳିତ ବିଭିନ୍ନ ଐତିହ୍ୟ ସାମଗ୍ରୀର ସୁରକ୍ଷା ପାଇଁ ମ୍ୟୁଜିୟମର ଆବଶ୍ୟକତା ରହିଛି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ରାଜନେତା ଓ ପ୍ରଶାସକଙ୍କ ଅବହେଳା ଜିଲା ପର୍ଯ୍ୟଟନ ଶିଳ୍ପକୁ ରୁଗ୍ଣ କରିଛି। ଦୀର୍ଘବର୍ଷ ଧରି ଏଠାରେ ନିୟମିତ ଜିଲା ପର୍ଯ୍ୟଟନ ଅଧିକାରୀ ପଦ ପୂରଣ ହୋଇପାରୁନାହିଁ। ରାଜ୍ୟ ସରକାର ଭିତରକନିକାର ଲୁଣା ଧଳା କୁମ୍ଭୀର ଗୋରି ଓ ଅଲିଭ ରିଡ୍‌ଲେ କଇଁଛ ଗୋଲୁ ମାସକଟ ଭାବେ ବ୍ୟବହାର କରିଛନ୍ତି। ତେବେ ଏହି ପ୍ରାଣୀଙ୍କ ସୁରକ୍ଷା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ମଧୁରପାଣିର ଅଭାବ, ତଟକ୍ଷୟ, ଚିଙ୍ଗୁଡି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକବସତିକୁ ସ୍ଥାନାନ୍ତର, ଇକୋ ସେନ୍‌ସିଟିଭ ଜୋନ୍‌ର ପରିଚାଳନା ଆଦିରେ ଛନ୍ଦି ହୋଇଛି। ଯାହାଫଳରେ ୨୦୧୭ରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇପାରି ନ ଥିବା ବେଳେ ଏବେ ଜାତୀୟ ଉଦ୍ୟାନ ମାନ୍ୟତା ହରାଇବାକୁ ଯାଉଛି। ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା କହିଛନ୍ତି, ଜିଲାର ଆର୍ଥିକ ବିକାଶରେ ପର୍ଯ୍ୟଟନ ଶିଳ୍ପ ସହାୟକ ହୋଇପାରିବ। ଧାର୍ମିକ ପୀଠର ଉନ୍ନତୀକରଣ ଓ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି। ସେହିପରି ପ୍ରାକୃତିକ ପରିବେଶର ଉପଯୋଗ ଦରକାର। ଗାଇଡ, ଫଟୋଗ୍ରାଫି, କୁଟୀରଶିଳ୍ପର ମଣ୍ଡିଠାରୁ ଆରମ୍ଭ କରି ବେଳାଭୂମିକୁ ପର୍ଯ୍ୟଟକ ଉପଯୋଗୀ ଭିତ୍ତିଭୂମିର ବିକାଶ ଦ୍ୱାରା ଜିଲାର ଅର୍ଥନୈତିକ ବିକାଶ ହେବ। ମହୁ, ଝୁଣା ଆଦି ବନଜାତ ଦ୍ରବ୍ୟକୁ ଯୁବବର୍ଗଙ୍କ କର୍ମନିଯୁକ୍ତି ସହ ଯୋଡ଼ିବାକୁ ପଡ଼ିବ। ସାମୁଦ୍ରିକ, ବନ୍ୟ ଜୀବ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଓ ଗବେଷଣାଗାର ଏ ସମ୍ପର୍କରେ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ସହିତ ସରକାରୀ ପ୍ରୋତ୍ସାହନରେ ଜିଲାର ବିଭବକୁ ଅଧିକ ପ୍ରଚାର ପ୍ରସାର ହୋଇପାରିଲେ ଜିଲାର ଆର୍ଥିକ ବିକାଶ ହୋଇପାରିବ।

# ଚୂନଡ଼ିହ-ତେଲଙ୍ଗାବସନ୍ତ ରାସ୍ତା ମରଣଯନ୍ତା

- ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହେଉନାହିଁ
- ୪ ପଞ୍ଚାୟତବାସୀଙ୍କ ଆନ୍ଦୋଳନ ଧମକ

**ପଟ୍ଟାମୁଣ୍ଡାଇ, ୨୭।୯(ଅକ୍ଷୟ ବିଶ୍ୱାଳ)**

ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଚୂନଡିହ-ତେଲଙ୍ଗାବସନ୍ତ ୭.୫ କି.ମି. ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଫଳରେ ଏହି ରାସ୍ତାରେ ଯାତାୟାତ କରିବାରେ ସମସ୍ୟା ଦେଖାଦେଇଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ନେଇ ଗଣ୍ଡୁକୁଳ, କଟରାମଲ୍ଲ, ଶେକପୁର, ତେଲଙ୍ଗାବସନ୍ତ, ଜାମୁକୁଣ୍ଡା, ଡିହାପଡ଼ା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକରେ ଜୁଲାଇ ୬ରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ, ମାତ୍ର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବେଲତଳ ଚୂନଡିହ ପୂର୍ତ୍ତ ବିଭାଗ କଟକ-ଚାନ୍ଦବାଲି ରାସ୍ତାରୁ ବାହାରି ଗଣ୍ଡୁକୁଳ, କଟରାମଲ୍ଲ, ଶେକପୁର, ତେଲଙ୍ଗାବସନ୍ତ, ଜାମୁକୁଣ୍ଡା ଦେଇ ଡିହାପଡା ପର୍ଯ୍ୟନ୍ତ ଯାଇଛି। ୨୦୧୯ରେ ଏହି ରାସ୍ତାକୁ ନୂତନ ଭାବେ କଂକ୍ରିଟ ପିଚୁ ରାସ୍ତାରେ ପରିଣତ କରାଯାଇଥିଲା। ଏଥି ମଧ୍ୟରେ ୪ବର୍ଷ ବିତିଯାଇଥିଲେ ମଧ୍ୟ ମରାମତି କାର୍ଯ୍ୟ ହୋଇପାରୁନାହିଁ। ୭.୫ କି.ମି. ରାସ୍ତାରେ ବିଭିନ୍ନ ସ୍ଥାନରେ ପିଚୁ ଉଠିଯିବା ସହ କଂକ୍ରିଟ ନଷ୍ଟ ହେବ ଯୋଗୁ ଖାଲଖମାରେ ପରିଣତ ହୋଇଛି। ରାସ୍ତାରେ ଅଚଳାବସ୍ଥା ଯୋଗୁ ଗାଡ଼ି ମୋଟର ଚଳାଚଳ ହୋଇପାରୁନାହିଁ। ଆସନ୍ତା ଦୁର୍ଗାପୂଜା ପୂର୍ବରୁ ରାସ୍ତାର ମରାମତି କାର୍ଯ୍ୟ କରା ନ ଗଲେ ପଞ୍ଚାୟତବାସୀ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକଙ୍କ ସମେତ ଦୌତାରି ପରିଡା, ଦିଲୀପ ଦାସ, ବୌରାଗୀ ରାଉତ, ଜନକର ମଲିକ, କାର୍ତ୍ତିକ ପରିଡା, ନିରାକାର ଖଟୁଆ, ଅକ୍ଷୟ ନାୟକ, ଦିବଳ ନାୟକ, ଜଗବନ୍ଧୁ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।


ରାସ୍ତା ଖାଲଖମାରେ ପୂରିଛି।

# ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣ ହେବ ହଷ୍ଟେଲ

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ

**ଯାଜପୁରରୋଡ୍,୨୭।୯(ପବିତ୍ର ରଞ୍ଜନ ମହାନ୍ତି):**

ରାଜ୍ୟ ସରକାର ରାଜ୍ୟର ୨୭ ମହାବିଦ୍ୟାଳୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରିବାକୁ ଅନୁଦାନ ବ୍ୟବସ୍ଥା କରିଛନ୍ତି। ଏନେଇ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମାସ ୪ ତାରିଖ ସୁଦ୍ଧା ଆବଶ୍ୟକୀୟ ସମସ୍ତ ବିବରଣୀ କଲେଜ କର୍ତ୍ତୃପକ୍ଷ ବିଭାଗକୁ ପ୍ରଦାନ କରିବାର ସମୟସୀମା ଧାର୍ଯ୍ୟ ହୋଇଛି। ଏହି ମହାବିଦ୍ୟାଳୟ ମଧ୍ୟରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ଥାନ ପାଇଛି। ବ୍ୟାସନଗର ମହାବିଦ୍ୟାଳୟରେ ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବରୁ ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା ନ ଥିଲା। ଫଳରେ ଏଠାରେ ଅଧ୍ୟୟନରତ ଉକ୍ତ ବର୍ଗର ଛାତ୍ରୀଛାତ୍ର ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ହଷ୍ଟେଲ ନିର୍ମାଣ ପାଇଁ ସରକାର ଅନୁମୋଦନ କରିଥିବାରୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ନିର୍ମାଣ ହେବାକୁ ଥିବା ହଷ୍ଟେଲରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଯଥା ବେଡ୍, ଡାଇନିଂ ଟେବୁଲ, ରୋଷେଇ ପାଇଁ ଆବଶ୍ୟକୀୟ ଆସବାପତ୍ର, ଆକ୍ୱାଗାର୍ଡ ଏବଂ ଇନଭେର୍ଟର ଆଦି ଯୋଗାଇ ଦିଆଯିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ହଷ୍ଟେଲ ନିର୍ମାଣ ପାଇଁ କଲେଜ କର୍ତ୍ତୃପକ୍ଷ ଆବଶ୍ୟକ ଜମି ଓ ଏହାର ନକ୍ସା ଧାର୍ଯ୍ୟ ସମୟ ମଧ୍ୟରେ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ରହିଛି। ଏଥିସହ ହଷ୍ଟେଲର ଆନୁସଙ୍ଗିକ କର୍ମଚାରୀ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କଲେଜ ଅଧ୍ୟକ୍ଷ ଯୋଗାଇଦେବାକୁ ଚିଠିରେ ଦର୍ଶାଯାଇଛି। ଏହି ସ୍ୱୟଂଶାସିତ ମହାବିଦ୍ୟାଳୟର ଉଭୟ ଯୁକ୍ତ ୨ ଏବଂ ସ୍ନାତକରେ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ହଷ୍ଟେଲ ନ ଥିବାରୁ ପ୍ରାୟ ଛାତ୍ରୀଛାତ୍ର ଘରୋଇ ମେସରେ ରହୁଥିବା ଜଣାପଡିଛି।



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ।

# ମୋବାଇଲ ଫୋନ୍ ଲୁଟ୍ ମାମଲାରେ ଯୁବକ ଗିରଫ

**ପାଣିକୋଇଲି,୨୭।୯(ବିକାଶ ମଲ୍ଲିକ):**

୧୬ ନଂ. ଜାତୀୟ ରାଜପଥରୁ ମୋବାଇଲ ଫୋନ୍ ଲୁଟ ମାମଲାରେ ପାଣିକୋଇଲି ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ଲୁଟ୍ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ଦାନଗଦି ବ୍ଲକ ଯଖପୁରା ଥାନା ଅଞ୍ଚଳର ଗଣେଶ ପ୍ରଧାନ (୨୫)। ଗତ ସୋମବାର ପାଣିକୋଇଲି ଥାନା ଅଧୀନ ରାଜପଥରୁ କୋରେଇ ଥାନା ଅନ୍ତର୍ଗତ ବେଗନା ଗ୍ରାମର ଜଣେ ଯୁବକଙ୍କଠାରୁ ମୋବାଇଲ ଲୁଟ୍ ହୋଇଥିଲା। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୨୬୫/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆରିୟନ୍


@ ଅନିଲ


@ ବୁଲୁ


@ ମଧୁସ୍ମିତା



@ ମଧୁସୂଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଠରବାଙ୍କି ଛକରେ ଦୁର୍ଘଟଣା: ମହିଳା ମୃତ


ଦୁର୍ଘଟଣାସ୍ଥଳରେ ସ୍କୁଟିଟି ଭାଙ୍ଗି ଯାଇଛି।

**ପାରାଦୀପ, ୨୭।୯(ଶରତ ରାଉତ)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଗୋଲେଇ ଛକରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାରାଦୀପ ବନ୍ଦର ସିଏମ୍‌ଇ ବିଭାଗର କର୍ମଚାରୀ ଜୟରାମ ପୂର୍ତ୍ତୀଙ୍କ ପତ୍ନୀ ଗୋଲାପ (୪୦)। ଉଭୟ ପତିପତ୍ନୀ ଅପରାହ୍ନରେ ଦୋଛକି ଅଞ୍ଚଳରେ ରହୁଥିବା ଜଣେ ଦାନ୍ତ ଡାକ୍ତର ପାଖକୁ ଯାଇଥିଲେ। ସେଠାରୁ ମଧୁବନ କ୍ୱାର୍ଟର୍ସକୁ ଫେରିବା ବେଳେ ଅଠରବାଙ୍କି ଗୋଲେଇ ଛକରେ ଏକ ଲୁହାପଥର ବୋଝେଇ ଟ୍ରକ ନଂ. ଓଡି୨୯ ଇ ୩୦୦୬ ତାଙ୍କ ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣାରେ ଦମ୍ପତି ତଳେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗୋଲାପଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବରପାଇ ବନ୍ଦର ବିଭାଗୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ହସ୍ପିଟାଲରେ ପହଞ୍ଚିଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି।

# ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍, ବିଦ୍ୟୁତ୍ ଅପଚୟ

**ପଟ୍ଟାମୁଣ୍ଡାଇ,୨୭।୯ (କଳ୍ପତରୁ ନାୟକ)**

ସାରା ରାଜ୍ୟରେ ବିଜୁଳି ସଙ୍କଟ ଦେଖାଦେଉଥିବା ବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ ହେଉଛି। ମାତ୍ର ପଟ୍ଟାମୁଣ୍ଡାଇ ପୌର ପରିଷଦରେ ରାତିଦିନ ବିଦ୍ୟୁତ୍ ଷ୍ଟ୍ରିଟ ଲାଇଟ ଜଳୁଛି। ବିଦ୍ୟୁତ୍ ଅପଚୟ ହେବା ସହ କୋଟି କୋଟି ଟଙ୍କା ବିଲ୍ ବାବଦକୁ କମ୍ପାନୀକୁ ଦିଆଯାଉଛି। ଦିନରେ ଅପଚୟ ହେଉଥିବା ବିଦ୍ୟୁତ୍‌କୁ ଯଦି ଠିକ୍ ଭାବେ ପରିଚାଳନା ହୋଇପାରନ୍ତେ ତେବେ ଅଯଥାରେ ଦିଆଯାଉଥିବା କୋଟି କୋଟି ଟଙ୍କା ବିଦ୍ୟୁତ୍ ବିଲ୍‌କୁ ରୋକି ହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ବିଦ୍ୟୁତ୍ ଶକ୍ତିକୁ ଖୋଲାଖୋଲି ଅପଚୟ କରାଯାଉଥିବାବେଳେ ଏହାର କାରଣ ଆଉ ନିରାକାରଣ ପାଇଁ ଜିଲା ପ୍ରଶାସନ କି ପୌର ପ୍ରଶାସନର ନିଘା ନାହିଁ। ପ୍ରଶାସନର ବେଖାତିର ମନୋଭାବ ଯୋଗୁ ସରକାରଙ୍କ (ଜନସାଧାରଣ ଟ୍ୟାକ୍ସ) କୋଟି କୋଟି ଟଙ୍କା ପାଣିରେ ପଡୁଛି। ପରିଚାଳନା ଗତ ତ୍ରୁଟି ଯୋଗୁ ସାଧାରଣ ଲୋକଙ୍କ ଅର୍ଥ ଆଉ ସରକାରୀ ଯୋଜନାଗୁଡ଼ିକ ସବୁ ଧୂଳିସାତ ହେଉଛି। ଅପଚୟ ହେଉଥିବା ଏହି ବିଦ୍ୟୁତ୍ ବିଲ୍‌କୁ ପୌର ପରିଷଦ ପାଣ୍ଠିରୁ ପୈଠ କରାଯାଉଛି। ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ କହିଛନ୍ତି, ଏବେବି ବହୁ ସ୍ଥାନରେ ଲୋକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ରହିଛନ୍ତି। ବହୁ ଗ୍ରାମ ଏପରି ରହିଛି ଯେଉଁଠି ବିଦ୍ୟୁତ୍ ସଂଯୋଗ ଅଦ୍ୟାବଧି ହୋଇପାରିନାହିଁ। କେଉଁଠି ବିଦ୍ୟୁତ୍ ଖୁଣ୍ଟି ପଡିଛି ତ କେଉଁଠି ଭିତ୍ତିଭୂମିର ଅଭାବ ରହିଛି। କିନ୍ତୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଦ୍ୟୁତ୍‌ର ଅପଚୟ ଚାଲିଛି। ଦିନରେ ଷ୍ଟ୍ରିଟ୍ ଲାଇଟ ଜଳୁଥିବା ବେଳେ କାହାର ନଜର ମଧ୍ୟ ନାହିଁ। ଏହାକୁ ରୋକାଯିବା ପାଇଁ ଜିଲା ପ୍ରଶାସନ, ପୌର ପରିଷଦ ଅଧିକାରୀ ବ୍ୟବସ୍ଥା କରନ୍ତେ ତେବେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଦ୍ୟୁତ ଅପଚୟ ରୋକି ହୁଅନ୍ତା। ଶିକ୍ଷାବିତ ପ୍ରଫୁଲ୍ଲ ଦାଶ କହିଛନ୍ତି, ପୌରାଞ୍ଚଳ ୨୦ ଟି ୱାର୍ଡରେ ଲାଇଟ ବାବଦ ଅଯଥାରେ ଟଙ୍କା ପାଣିରେ ପଡୁଛି। ପ୍ରତି ୱାର୍ଡରେ ଦିନରେ ଜଳୁଥିବା ବିଦ୍ୟୁତ ବନ୍ଦ କରିବା ପାଇଁ କିଛି ବ୍ୟକ୍ତିଙ୍କୁ ମାସିକ ଦରମା ହିସାବରେ ରଖାଯାଇପାରନ୍ତା। ତେବେ ବେକାରି ସମସ୍ୟା ଦୂର ହେବା ସହ ବିଦ୍ୟୁତ୍ ଅପଚୟ ବନ୍ଦ ହୁଅନ୍ତା। ବୁଦ୍ଧିଜୀବୀ ଅନନ୍ତ ଦାଶ କହିଛନ୍ତି, ଅର୍ଥ ଖର୍ଚ୍ଚ କରି ସରକାର ଲୋକଙ୍କୁ ଆଲୁଅ ଯୋଗାଇ ଦେଉଛନ୍ତି। ରାଜ୍ୟ ତଥା ଜାତୀୟ ସଡକଠାରୁ ଆରମ୍ଭ କରି ଗ୍ରାମର ଗଳି ଗଳିରେ ହଜାର ହଜାର ଲାଇଟ ଲାଗିଛି। ହାଇମାଷ୍ଟ ଲାଇଟ, ସେମି ହାଇମାଷ୍ଟ ଲାଇଟ, ଆଉ ବିଭିନ୍ନ ବିଦ୍ୟୁତ ଖୁଣ୍ଟଗୁଡିକରେ ୨୦, ୩୫, ୪୫, ୭୦, ୯୦, ୧୧୦, ୧୨୦ ୱାଟର ବଲ୍ ଆଉ ଏଲ୍‌ଇଡି ସବୁ ଲାଗିଛି। ଏସବୁ ବଲ୍ ଆଉ ଏଲଇଡି ସବୁ ୨୪ ଘଣ୍ଟା ଲେଖାଏ ଜଳୁଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ଦିନରେ ଜଳୁଛି ରାତିରେ ଅନ୍ଧକାରମୟ। ତେବେ ଏହାର ସମାଧାନ କରିବା ନିହାତି ଜରୁରୀ ହୋଇପଡିଛି। ସାମାଜିକ କର୍ମୀ ଦେବାଶିଷ ପଣ୍ଡା କହିଛନ୍ତି, ପୌରାଞ୍ଚଳ ପରି ୩୧ ପଞ୍ଚାୟତରେ ସମାନ ଅବସ୍ଥା ହେଉଥିବା ବେଳେ ପ୍ରାୟ ପଞ୍ଚାୟତରେ କମରୁ କମ୍ ୨୦ ହଜାରରୁ ଉର୍ଦ୍ଧ୍ୱ ଲେଖାଏ ଟଙ୍କା ମାସିକ ବିଦ୍ୟୁତ ବିଲ୍ ପୈଠ ହେଉଛି। ଦିନରେ ଜଳୁଥିବା ଲାଇଟ ବାବଦ ଅଯଥା ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମାସିକ ଖର୍ଚ୍ଚ ହେଉଛି। ଏହାଛଡା ବଡ଼ ପଞ୍ଚାୟତର ବିଲ୍‌କୁ ହିସାବକୁ ନେଲେ ପଟ୍ଟାମୁଣ୍ଡଇ ଅଞ୍ଚଳରେ ଅଯଥାରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡୁଥିବା ଜାଣିବାକୁ ମିଳିଛି। ଏହାକୁ ରୋକାବାକୁ ଜିଲା ପ୍ରଶାସନ ତୁରନ୍ତ ବ୍ୟବସ୍ଥା କରିବା ଆବଶ୍ୟକ। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ ଟାଇମିଂ ସମସ୍ୟା ରହିଛି। ଖୁବ୍‌ଶୀଘ୍ର ତାହାର ମରାମତି କରାଯିବ ବୋଲି ସେ କହିଛନ୍ତି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ ବିଲ୍ ଗଣୁଛି**


ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍

# ୨୦ ଭେଣ୍ଡରଙ୍କୁ କଳାତାଲିକାଭୁକ୍ତ କରାଗଲାନି

**୫୧ କୋଟି ୨୭ ଲକ୍ଷ ଟଙ୍କା ଠକେଇ ଘଟଣା**

- ଭାପୁର ବିଡିଓଙ୍କୁ ଅଭିଯୋଗ କରିବାକୁ ୧ବର୍ଷ ପୁରିଲା
- ପଚାରିଲେ ଉତ୍ତର ମିଳୁଛି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି

ନୟାଗଡ଼/ଭାପୁର,୨୭।୯(ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

ଭେଣ୍ଡର ଆକାଉଣ୍ଟ ଖୋଲି ନୟାଗଡ଼ ଜିଲାର ଭାପୁର ବ୍ଲକରେ ୫୧ କୋଟି ୨୭ ଲକ୍ଷ ଠକେଇ ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍ଆର୍ଇଜିଏସ୍)ରେ କଞ୍ଚାମାଲ ଯୋଗାଣ ନାଁରେ ହୋଇଥିବା ମହାଦୁର୍ନୀତିର ଖୋଲତାଡ କରି ୨୦ ଭେଣ୍ଡରଙ୍କୁ କଳାତାଲିକା ଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ୨୦୨୨ ଜୁଲାଇରେ ସ୍ଥାନୀୟ ଜନସାଧାରଣ ଭାପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନସ୍ଥାନ ଗ୍ରହଣ କରାଯାଇନାହିଁ। ଏବେ ପଚାରିଲେ ଉତ୍ତର ମିଳୁଛି ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ତେବେ କାର୍ଯ୍ୟାନୁଷ୍ଠାନ କେଉଁଠି ଅଟକି ରହିଛି ସେନେଇ କାହା ପାଖରେ ଉତ୍ତର ନାହିଁ। ଏହି ଦୁର୍ନୀତିରେ ବଡବଡିଆଙ୍କୁ ନ ଫସାଇବାକୁ ଉଦ୍ୟମ ଚାଲୁଥିବା ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁଯାୟୀ, ଏମ୍‌ଜିଏନ୍‌ଆରଇଜିଏସ୍ ମହାଦୁର୍ନୀତିରେ ଭାପୁର ବ୍ଲକ ବଦନାମ ର ବୋଝ ମୁଣ୍ଡାଇଛି। ଭାପୁର ବ୍ଲକର ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ପକ୍ଷରୁ ଭେଣ୍ଡର ଆକାଉଣ୍ଟ ଖୋଲି ଏମ୍‌ଜିଏନ୍‌ଆରଇଜିଏସ୍‌ର କାମରେ କଞ୍ଚାମାଲ ଯୋଗାଣ କରିଥାନ୍ତି। ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଭେଣ୍ଡର ୨୦୧୭ରୁ ୨୦୨୨ ମଧ୍ୟରେ କଞ୍ଚାମାଲ ଯୋଗାଇଥିବା ଜଣାପଡିଛି। ତେବେ ୨୦ ଭେଣ୍ଡର ଅନିୟମିତତାରେ ଛନ୍ଦି ହୋଇ ପଡିଛନ୍ତି। ଭାପୁର ବ୍ଲକରେ ଏହି ୫ ବର୍ଷ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନେକ କାମରେ ଫଲସ୍ ବିଲ୍ ହୋଇଛି। କିଛି ଦୁର୍ନୀତି ପ୍ରମାଣିତ ହୋଇଥିବାବେଳେ ଆଉ କିଛି ତଦନ୍ତ ପର୍ଯ୍ୟାୟରେ ରହିଛି। ପୁଣି କିଛି ଦୁର୍ନୀତିକୁ ଚାପି ଦିଆଯାଇଛି। ଆଉ କିଛି ସ୍ଥାନରେ ଯନ୍ତ୍ରରେ କାମ କରି ମିଥ୍ୟା ଶ୍ରମ ଦିବସର କାଗଜାତ ପ୍ରସ୍ତୁତ କରି ଅନେକ କୋଟି ଟଙ୍କା ହଡପ କରାଯାଇଛି। କୌଣସି ପ୍ରକଳ୍ପ ପାଇଁ ସିମେଣ୍ଟ, ଲୁହାଛଡ, ଗେଟି, ପଥର, ବାଲି ପରି ଉପକରଣ ଦେବା ପାଇଁ କେତେଜଣ ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କୁ ଚିହ୍ନଟ କରି ଅନୁକମ୍ପା ପ୍ରଦର୍ଶନ ଦେଖାଦେଇଛି। ଯାହାର ନଜିର ଗୋଟିଏ ରାସ୍ତା ୨୧ ଥର ବିଲ୍ ହେବା ଘଟଣା ଲୋକ ଲୋଚନକୁ ଆସିଛି। ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ କରିବା ଘଟଣାରେ ୫କୋଟି ୬ ୧ଲକ୍ଷ ଉଠାଣ ହୋଇଛି। ଏଥିରେ ୧୮ ପ୍ରତିଶତ ଜିଏସ୍‌ଟି ରହିଛି। ଜିଏସ୍‌ଟି ଅର୍ଥ ଭେଣ୍ଡର ଚଞ୍ଚକତା କରି ହଡପ କରିଛନ୍ତି। ସେହିଭଳି ଜଣେ ଜିଆରଏସ୍‌ଙ୍କର ସ୍ୱାମୀ ୧୦ କୋଟି ୪୪ ଲକ୍ଷ ଠକେଇ କରି ନେଇଥିବାବେଳେ ଏଥିରେ ଜିଏସଟି ୧୮ ପ୍ରତିଶତ ଟଙ୍କା ହଡପ ହୋଇଛି। ପୁଣି ଅନ୍ୟ ଜଣେ ଜିଆରଏସ୍‌ଙ୍କର ବଡଭାଇ ୧୧ କୋଟି ୬୩ ଲକ୍ଷ ଅନୁରୂପ ଭାବେ ହଡପ କରିଛନ୍ତି। ଏହିପରି ଅଧିକାଂଶ ପ୍ରକଳ୍ପର କାମ ହୋଇ ନ ଥିଲେ ହେଁ ଦୁଇଗୁଣା ଜିଏସ୍‌ଟି ପରି ମିଥ୍ୟା କାଗଜାତ ଡିପୋଜିଟ୍ କରି ଭେଣ୍ଡରମାନେ ଲାଭବାନ ହୋଇଛନ୍ତି। ଏହି ଅନିୟମିତତାରେ କିଛି ସ୍ଥାନୀୟ ନେତା, ପ୍ରଶାସନର ବହୁ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଛି। ହେଲେ ତଦନ୍ତ ନାଁରେ ଘଟଣାକୁ ଚାପି ଦିଆଯାଇଥିବା ମତ ପ୍ରକାଶ ପାଇଛି।

ଏନେଇ ଭାପୁରର ସୁଦାମ ପ୍ରଧାନ କୁହନ୍ତି, ଭେଣ୍ଡର ଆକାଉଣ୍ଟରେ ଅନେକ କୋଟି ଟଙ୍କା ହଡପ ହୋଇଛି। ଏହି ଦୁର୍ନୀତିକୁ ଚାପିବାକୁ ଚାପ ବଢୁଛି। ଏଣୁ ତଦନ୍ତ ଅଧାବାଟରେ ଚପି ଯାଉଛି। କାର୍ଯ୍ୟାନୁଷ୍ଠାନ ନାଁରେ ଫାଇଲ ଅଟକି ରହିଛି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ଭାପୁର ବିଡିଓ ରଞ୍ଜିତ ମଳିକ କୁହନ୍ତି, ଭେଣ୍ଡର ଆକାଉଣ୍ଟ ଖୋଲି ୫୧ କୋଟି ୨୭ ଲକ୍ଷ ଟଙ୍କା ଠକେଇ ଘଟଣା ଅଭିଯୋଗ ପରେ ଜିଲାସ୍ତରୀୟ ଓ ଉଚ୍ଚସ୍ତରୀୟ ତଦନ୍ତ ହୋଇଛି। ତଦନ୍ତରେ ଅନିୟମିତତା ଜଣାପଡିବା ପରେ କାରଣଦର୍ଶାଅ ନୋଟସ୍ ଜାରି ହୋଇଛି। ଏପରି କି ମାମଲା କରାଯିବା ସହ ଟଙ୍କା ରିକୋଭରି ପାଇଁ ଚିଠି ହୋଇଛି। ସରକାରୀ ଅନାଇନ ମୁତବାକ ଯାହା କିଛି କରାଯିବାର ବ୍ୟବସ୍ଥା ରହିଛି ସେପରି କରାଯାଉଛି ।

## ହତ୍ୟା ଅଭିଯୁକ୍ତ ଜେଲ ଗଲେ

ନୟାଗଡ଼,୨୭।୯ (ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ପୋଲିସ ଦୁର୍ଦ୍ଦୁରା ଗାଁର ହତ୍ୟା ଅଭିଯୁକ୍ତ ସନ୍ତୋଷ କୁମାର ସାହୁ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ସନ୍ତୋଷଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସନ୍ତୋଷ ୧୫୧/୨୦ରେ ହତ୍ୟା ଅଭିଯୁକ୍ତ ଥାଇ ଫେରାର ଥିଲେ । ତାଙ୍କ ନାମରେ ୪୯୮(ଏ), ୨୯୪, ୩୬୫, ୩୦୨, ୩୪୧ ଆଇପିସି ଦଫା ଲାଗିଥିଲା ।

## ଗୋଡିପଡ଼ାରେ ନକଲି ମଦ ବିକ୍ରି ଅଭିଯୋଗ

ନୟାଗଡ଼,୨୭।୯(ଲୋକନାଥ ମିଶ୍ର)

ଗୋଡିପଡ଼ା ବିଦେଶୀ ମଦ କାଉଣ୍ଟରରେ ନକଲି ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ହେଲେ ପୋଲିସ ଅଥବା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ । ୨୦୨୧ରେ ଗଣିଆର ଆଡକଟା ସରକାରୀ ବିଦେଶୀ ମଦ ଦୋକାନରେ ନକଲି ବିଦେଶୀ ମଦ ବିକ୍ରିର ଅଭିଯୋଗ ହେଉଥିଲା । ହେଲେ ପୋଲିସ ଅଥବା ଅବକାରୀ ବିଭାଗ ଚଢ଼ାଉ କରୁ ନ ଥିଲା । ହେଲେ ଅବକାରୀ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଚାପରେ ଚଢ଼ାଉ ପରେ ୨୦୨୧ ଜୁନ ୨୫ରେ ୧୨୧ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଗୋଡିପଡ଼ା ବିଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରି ହେଉଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର ଅନୁକମ୍ପା ରହିଥିବା ଚର୍ଚ୍ଚା ହେଉଛି।

# ୪ଦିନ ହେଲା ସୌର ପାନୀୟଜଳ ପ୍ରକଳ୍ପ ଅଚଳ



ଅଚଳ ହୋଇଥିବା ସୌର ଜଳ ଯୋଗାଣ ପ୍ରକଳ୍ପ ।



ମରାମତି ପାଇଁ ଆସୁଥିବା ଗାଡ଼ି ରାସ୍ତା ଖରାପ ଯୋଗୁ ଅଟକି ରହିଛି ।

**ଅଞ୍ଚଳବାସୀଙ୍କ ଦୁଃଖ, ପାନୀୟ ଜଳ ଓ ରାସ୍ତା**

ଖଣ୍ଡପଡ଼ା,୨୭।୯ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଂଘାପଡା ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ଥିବା ସୌର ପାନୀୟ ଜଳ ପ୍ରକଳ୍ପ ବାରମ୍ବାର ଅଚଳ ହେଉଛି । ଗତ ୪ଦିନ ହେଲା ତାହା ଅଚଳ ହୋଇ ପଡିଛି । ପାଣିର ଆବଶ୍ୟକତା ମେଣ୍ଟାଇବା ପାଇଁ ଗ୍ରାମବାସୀ ଏକ ଫ୍ଲୋରାଇଡ ଯୁକ୍ତ ନଳକୂପର ପାଣି ଅବା ନିକଟସ୍ଥ ନାଳର ପାଣିକୁ ବ୍ୟବହାର କରୁଛନ୍ତି । ଅପରପକ୍ଷେ ଉକ୍ତ ସୌର ପାନୀୟ ଜଳ ପ୍ରକଳ୍ପକୁ ମରାମତି କରିବାକୁ ବିଭିନ୍ନ ଯନ୍ତ୍ରାଂଶ ଧରି ଏକ ଗାଡ଼ିରେ କର୍ମଚାରୀମାନେ ଆସୁଥିଲେ। ରାସ୍ତାର ଦୁରାବସ୍ଥା ଯୋଗୁ ପଙ୍କକାଦୁଅ ରାସ୍ତାରେ ଅଟକି ରହିଥିଲା । ଫଳରେ ଉକ୍ତ ପ୍ରକଳ୍ପ ମରାମତିରେ ବିଳମ୍ବ ଘଟିଛି ବୋଲି ଗ୍ରାମବାସୀଙ୍କ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଖଳିସାହି-ଆଡକଟା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ସିଂଘାପଡାଠାରୁ ପ୍ରାୟ ୪ କି.ମି. ଜଙ୍ଗଲ ପାହାଡ଼ ଘେରା ଅଙ୍କାବଙ୍କା ପଥୁରିଆ ରାସ୍ତା । ୩ଟି ପାହାଡିଆ ନାଳ ଦେଇ ଏହି ଆଦିବାସୀ ଅଧ୍ୟୁଷିତ ଗାଁକୁ ଯିବାକୁ ହୋଇଥାଏ । ବିଶେଷ କରି ଗ୍ରାମ ନିକଟରେ ଥିବା ଏକ ପାହାଡ଼ରେ ପଥରକ୍ୱାରୀ ରହିଥିବାରୁ ପ୍ରତ୍ୟେହ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ଉକ୍ତ କ୍ୱାରୀରୁ ପଥର, ମେଟାଲ ଆଦି ଚାଲାଣ କରିଥାଆନ୍ତି । ଫଳରେ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇଛି । ଅପରପକ୍ଷେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଭୂମିତଳେ ବିଛା ଯାଇଥିବା ପାଇପ ଲାଇନ ଉପରେ ହାଇୱା ଯାତାୟତ ଫଳରେ ପାଇପ ଫାଟି ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମ୍ୟ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ କଣ୍ଟାବଣିଆ ଗ୍ରାମବାସୀ ପ୍ରମାଦ ଗଣୁଥିବା ବେଳେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଉକ୍ତ ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବା ଯୋଗୁ ୧୦୮, ୧୦୨ ଆମ୍ବୁଲାନ୍ସ ସେବା, ଅଗ୍ନିଶମ ସେବାର କର୍ମଚାରୀମାନେ ଜରୁରୀକାଳୀନ ପରିସ୍ଥିତିରେ ଉକ୍ତ ଗ୍ରାମକୁ ଯିବା ଆସିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ବିଭଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ବାସିନ୍ଦା ରବି ସ୍ୱାଇଁ, ପ୍ରକାଶ କାଠୁଆ, ପଦ୍ମଲାଭ ସ୍ୱାଇଁ,ବଟକୃଷ୍ଣ କାଠୁଆ ପ୍ରମୁଖ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତି ବ୍ଲକ ପ୍ରଶାସନ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଡ୍ରେସ୍ କୋଡ୍‌ରେ ଯୁବତୀଙ୍କ ଖୁଦୁରୁକୁଣୀ ଭସାଣି

ଖଣ୍ଡପଡ଼ା,୨୭।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମ ପଞ୍ଚାୟତର ବିଭିନ୍ନ ସାହିବସ୍ତିର ଯୁବତୀ, ମହିଳାମାନେ ସହରୀ ଢାଞ୍ଚାରେ ଖୁଦୁରୁକୁଣୀ ଭସାଣୀ ଉତ୍ସବ ପାଳନ କରୁଥିବା ବୁଧବାର ପରିଲକ୍ଷିତ ହୋଇଛି। ଆଗରୁ ଯୁବକମାନେ ନିଜ ସାହି ତଥା କ୍ଲବ୍‌ରେ ଗଣେଶ ଅବା ଦୁର୍ଗା ପୂଜା କରି ବହୁ ଆଡମ୍ବର ସହକାରେ ଭସାଣି ଉତ୍ସବ ମନାଉଥିଲେ । ଏବେ ଝିଅ ପିଲାମାନେ କୌଣସି ଗୁଣରେ କମ ନୁହଁନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବୁଧବାର ଅପରାହ୍ନ ଓ ସନ୍ଧ୍ୟାରେ ସ୍ଥାନୀୟ ହାଟମୁଣ୍ଡପାଟଣା, ଫକୀର ଅତବୁଦ୍ଧି ପାଟଣା ଆଦି ସାହିର ଯୁବତୀ, ମହିଳା ଓ ଛୋଟ ପିଲାମାନେ ଦଳଦଳ ହୋଇ ନିଜ ସାହିର ଖୁଦୁରୁକୁଣୀ ମୃଣ୍ମୟୀ ମୂର୍ତ୍ତିକୁ ଏକ ଶୋଭାଯାତ୍ରାରେ ସାହି ପରିକ୍ରମା କରାଇ କମେଇ ନଦୀରେ ବିସର୍ଜନ କରିଥିଲେ । ବିଶେଷ କରି କଣ୍ଟିଲୋ ହାଟମୁଣ୍ଡପାଟଣା ସାହିର ଯୁବତୀମାନେ ନାଲି ରଙ୍ଗ ଓ ମହିଳାମାନେ ନାଲି ଶାଢୀ ପିନ୍ଧି ସାହି ପରିକ୍ରମା କରି ଭସାଣି ଉତ୍ସବରେ ସାମିଲ ହୋଇଥିଲେ । ଶତାଧିକ ଯୁବତୀ ଓ ମହିଳା ଡିଜେ ସାଉଣ୍ଡର ତାଳେ ତାଳେ ନାଚି ଗାଁ ଦାଣ୍ଡରେ ଯାଉଥିବା ଦୃଶ୍ୟକୁ ଲୋକେ ଉପଭୋଗ କରିଥିଲେ।



ହାଟମୁଣ୍ଡପାଟଣା ସାହିରେ ବାହାରିଥିବା ଖୁଦୁରୁକୁଣୀ ମେଢ଼ ଶୋଭାଯାତ୍ରା ।

## ପାଣି ପଞ୍ଚାୟତର ନୂତନ କର୍ମକର୍ତ୍ତା



ଖଣ୍ଡପଡ଼ା,୨୭।୯ (ଅଜୟ କୁମାର ମହାରଣା)

ମା' ସୁନେଇ ରୁପେଇ ପାଣି ପଞ୍ଚାୟତର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଶ୍ୱିନ କୁମାର ଶାନ୍ତଙ୍କ ତତ୍ତ୍ୱାବଧାନରେ ହୋଇଯାଇଛି। ସିଂଘାପଡା ମୋଡାନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦକ୍ଷିଣ ପାର୍ଶ୍ୱ କେନାଲ ଓ ତତ୍‌ସଂଲଗ୍ନ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ମା ସୁନେଇ ରୁପେଇ ପାଣି ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ଉକ୍ତ ପାଣି ପଞ୍ଚାୟତର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ହଟ୍ଟକିଶୋର ସ୍ୱାଇଁ, ସମ୍ପାଦକ ବିରଞ୍ଚି ନାରାୟଣ ନାୟକ, କୋଷାଧ୍ୟକ୍ଷ ଅମୂଲ୍ୟରତ୍ନ ଜେନାଙ୍କୁ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସୁବଳ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ପାଣି ପଞ୍ଚାୟତର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିଥିଲେ ।

## ବୁଧିବାମନ ଓଷା ଉଦ୍‌ଯାପିତ

ଖଣ୍ଡପଡ଼ା,୨୭।୯(ଅଜୟ କୁମାର ମହାରଣା)

୬ ତାରିଖରୁ ଆରମ୍ଭ ହୋଇଥିବା ବୁଧେଇ ଓଷା ବା ବୁଧିବାମନ ଓଷା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଓଷାକୁ ସାଧାରଣତଃ ମହିଳାମାନେ ନିଷ୍ଠାର ସହ ପାଳନ କରିଥାଆନ୍ତି । ବୁଧବାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି, ମର୍ଦ୍ଦରାଜପୁର, କୋସକା, ବେଣାଗାଡିଆ, କଣ୍ଟିଲୋ, ସିଧାମୂଳା, ପଥରଚକଡା, ଜଗନ୍ନାଥପ୍ରସାଦ, ବଳରାମପ୍ରସାଦ ଆଦି ଗ୍ରାମାଞ୍ଚଳରେ ପାରମ୍ପରିକ ରୀତିରେ ପାଳନ କରିଥିବା ପରିଲକ୍ଷିତ ହୋଇଛି । ସାଧାରଣତଃ ଘରେ ଥିବା ଶୀଳ ଓ ଶିଳପୁଆରେ ବଟା ହଳଦିରେ ପିତୁଳା ଗଢି ଗୁଆ, କଉଡି ସ୍ଥାପନ କରାଯାଇ ସୁନା, ରୁପା ଅଳଙ୍କାରରେ ସଜ୍ଜିତ କରାଯାଇଥାଏ। ଓଷା କୋଠିରେ ମଣ୍ଡଳ ସ୍ଥାପନ କରାଯାଇ ପୂଜାରୀଙ୍କ ଦ୍ୱାରା ବୁଧେଇ ଓଷା ପୁସ୍ତକ ପଠନ କରାଯାଇଥାଏ। ସନ୍ଧ୍ୟାରେ ବ୍ରତ ପାଳନ କରୁଥିବା ମହିଳାମାନେ ଉଦ୍ଦିଷ୍ଟ ପୂଜା କୋଠିରେ ଏକତ୍ରିତ ହୋଇ ଏହି ବ୍ରତ ପାଳନ କରିଥିଲେ । ମନସ୍କାମନା ପୂରଣ ନିମନ୍ତେ ମାନସିକ କରିଥିବା ମହିଳାମାନେ ପୂର୍ଣ୍ଣ କଳସ ବସାଇ ନିଷ୍ଠା ସହକାରେ ମା'ଙ୍କୁ ପ୍ରାର୍ଥନା କରିଥିଲେ।

# ଭୁଶୁଡ଼ି ପଡ଼ିଲାଣି ନୂଆଗାଁ ବ୍ଲକ ଶିକ୍ଷା ବ୍ୟବସ୍ଥା

- ସ୍କୁଲ ପରିଦର୍ଶନରେ ଯାଉନାହାନ୍ତି ଅଧିକାରୀ
- ନିଜ ଇଚ୍ଛାରେ ସ୍କୁଲ ଚଳାଉଛନ୍ତି ଶିକ୍ଷୟିତ୍ରୀ,ଶିକ୍ଷକ
- ଅଭିଯୋଗ ପରେ ବି ଗ୍ରହଣ କରାଯାଉନି କାର୍ଯ୍ୟାନୁଷ୍ଠାନ

ନୂଆଗାଁ,୨୭।୯ (ଧନେଶ୍ୱର ସାହୁ)

ଶିକ୍ଷା ବ୍ୟବସ୍ଥାର ତଦାରଖ, ଦାୟିତ୍ୱ, ପରିଚାଳନା ଆଦିକୁ ତଳସ୍ତରରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ନ୍ୟସ୍ତ କରାଯାଇଛି। କିନ୍ତୁ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଅପାରଗତା ଯୋଗୁ ନୂଆଗାଁ ବ୍ଲକର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଥିବା ଅଭିଯୋଗ ହେଉଛି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୨୨ପଞ୍ଚାୟତରେ ମୋଟ ୧୬୦ ସ୍କୁଲ କଲେଜ ରହିଛି । ସେଥିରୁ ୭୮ ପ୍ରାଥମିକ ବିଦ୍ୟାଳୟ , ୫୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ୨୪ ମାଧ୍ୟମିକ ବିଦ୍ୟାଳୟ ଓ ୬ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ୨୦୨୨-୨୩ ଶିକ୍ଷା ବର୍ଷର ତଥ୍ୟ ଅନୁଯାୟୀ, ସମସ୍ତ ବିଦ୍ୟାଳୟରେ ମୋଟ ୧୪୦୫୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ୬୦୧ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି। ତେବେ ଏ ସମସ୍ତ ଶିକ୍ଷାନୁଷ୍ଠାନ କି ଭଳି ଚାଲିଛି , ଠିକ୍ ଭାବେ ପାଠ ପଢା ହେଉଛି କି ନାହିଁ , ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ତାଲିକା ଅନୁସାରେ ପୁଷ୍ଟିକର ଖାଦ୍ୟ ଦିଆଯାଉଛି କି ନାହିଁ , ୫-ଟି ଯୋଜନାରେ ସାମିଲ ହୋଇଥିବା ସ୍କୁଲରେ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଏ ସମସ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ଶିକ୍ଷା ବିଭାଗ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତଦାରଖ ଦାୟିତ୍ୱରେ ୧୩ କ୍ଲଷ୍ଟର ପାଇଁ ୧୩ ଜଣ ସିଆରସିସି, ୩ ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ଜଣେ ବ୍ଲକ ଶିକ୍ଷାଧିକାରୀ ରହିଛନ୍ତି । ଏତେ ସବୁ ବ୍ୟବସ୍ଥା ପରେ ମଧ୍ୟ ସ୍କୁଲଗୁଡିକ ଠିକ୍ ଭାବେ ଚାଲୁ ନ ଥିବା ଅଭିଯୋଗ ହେଉଛି। କେଉଁଠି ଠିକ୍ ସମୟରେ ଶିକ୍ଷକ ସ୍କୁଲ ଆସୁ ନାହାନ୍ତି ତ ଆଉ କେଉଁଠି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଛି । ଅଧିକାଂଶ ସମୟରେ ଶିକ୍ଷକ ବିନା ଛୁଟିରେ ସ୍କୁଲ ଆସୁ ନ ଥିବା ଅଭିଯୋଗ ହୋଇଛି। କିନ୍ତୁ ଏସବୁ ଖବର ଅଧିକାରୀମାନଙ୍କ ନିକଟରେ ରହୁନି । ଅଭିଯୋଗ କରାଯାଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅମଙ୍ଗ ହେଉଛନ୍ତି ଅଧିକାରୀ । ଫାମ୍ପୁଣି ଗୁନାମାଟି ସ୍କୁଲର ପ୍ରଧାନ ଶିକ୍ଷକ ଛୁଟି ନ ନେଇ ସ୍କୁଲ ଆସୁ ନାହାନ୍ତି । ସେନ୍ତେରୀ ସ୍କୁଲରେ ନିମ୍ନମାନର ଖାଦ୍ୟ ଦିଆଯିବା, କୋଷାକଟା ସ୍କୁଲର ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି କରିବା , ଶିକ୍ଷାନୁଷ୍ଠାନ ଭଳି ଦଣ୍ଡମୁକ୍ତ ଅଞ୍ଚଳ ମାଳିସାହି ଗତିକେଶ୍ୱର ହାଇସ୍କୁଲରେ ଛାତ୍ରମାନଙ୍କୁ ଗଛରେ ଚଢାଇ ଡାଳ କଟା ଯିବା ଆଦି ଘଟଣା ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏ ସବୁ ଘଟଣା ବାବଦରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବରଂ ସମ୍ପୃକ୍ତ ଶିକ୍ଷକମାନଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି । ଏ ସବୁ ସମସ୍ୟା ସଂକ୍ରାନ୍ତରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ମୁଁ ଏଠାରେ ନୂତନ ଭାବେ ଯୋଗ ଦେଇଛି । କୌଣସି କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ପାଇଲେ ତଦନ୍ତ କରି ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆରିୟନ୍



@ ଅନିଲ



@ ବୁଲୁ



@ ମଧୁସ୍ମିତା




@ ମଧୁସୂଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

